# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜୁଲାଇ ୨୬/୨୦୨୧ (୧୨ ପୃଷ୍ଠା) | Sambalpur, Monday, July 26/2021 | ★★

୧୭ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-


DRINK FROM TAP MISSION
Pure for Sure

DSPL-96



## ପୁରୀ ପାଇଁ
## ସିଧାସଳଖ ଟ୍ୟାପ୍ ଯୋଗେ
# ବିଶୁଦ୍ଧ ପାନୀୟ ଜଳ



**ପ୍ରତ୍ୟେକ ପରିବାରକୁ ୨୪ ଘଣ୍ଟା ଟ୍ୟାପ୍ ଯୋଗେ (ଆଇଏସ୍: ୧୦୫୦୦) ମାନର ପାନୀୟ ଜଳ ଯୋଗାଇବାରେ ଦେଶର ପ୍ରଥମ ସହର**

**ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ସହର କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦେଖିଥିବା ସ୍ୱପ୍ନକୁ ପୂରଣ କରିବା ଦିଗରେ ଡ୍ରିଙ୍କ୍-ଫ୍ରମ୍-ଟ୍ୟାପ୍ ମିଶନ ଏକ ଯୁଗାନ୍ତକାରୀ ପ୍ରକଳ୍ପ**

- ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ଲଣ୍ଡନ, ଲସ୍ ଏଞ୍ଜେଲ୍ସ ଓ ସିଙ୍ଗାପୁର ଭଳି ଅନ୍ତର୍ଜାତୀୟ ସହରମାଳାରେ ସାମିଲ ହୋଇଛି ପୁରୀ
- ଏବେ ୨.୫ଲକ୍ଷ ବାସିନ୍ଦା ୨୪ ଘଣ୍ଟା ଟ୍ୟାପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି
- ଭାରତର ଆଧ୍ୟାତ୍ମିକ ରାଜଧାନୀକୁ ଆସୁଥିବା ବାର୍ଷିକ ୨ କୋଟି ପର୍ଯ୍ୟଟକ ଉପକୃତ ହେବେ
- ପୁରୀ ସହରରେ ବାର୍ଷିକ ୪୦୦ ମେଟ୍ରିକ୍ ଟନ୍‌ର ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ (୩ କୋଟି ବ୍ୟବହୃତ ପାଣି ବୋତଲ) ହ୍ରାସ ହୋଇ ପାରିବ
- ଓଡ଼ିଶା ସରକାରଙ୍କ ***5T*** ଶାସନ ମନ୍ତ୍ର ଅଧୀନରେ ୧୬ଟି ସହରର ୪୦ ଲକ୍ଷ ବାସିନ୍ଦାଙ୍କ ପାଇଁ ଡ୍ରିଙ୍କ-ଫ୍ରମ୍-ଟ୍ୟାପ୍ ଯୋଜନାର କାର୍ଯ୍ୟାରମ୍ଭ



CMO.Odisha | @CMO_Odisha | CMO Odisha | LIVE STREAMING OF THE EVENT THROUGH

OIPR-13001/13/0004/2122

Housing & Urban Development Department • Governmentt of Odisha | @urbanodisha.gov.in | @HUDDeptOdisha

> ଯେ ନିଜ ଚେତନା ଭିତରେ ସର୍ବଦା ସମସ୍ତଙ୍କ ଲାଗି ଶୁଭେଚ୍ଛା ପୋଷଣ କରିଥାଏ- ସେଇ କେବଳ ସବୁ ଜିନିଷରେ ଲୁଚିରହିଥିବା ଶୁଭେଚ୍ଛାକୁ ଦେଖିପାରେ। ତାରି ଅନ୍ତର୍ଦୃଷ୍ଟିରେ ଇ ଶୁଭେଚ୍ଛା ପ୍ରତିଭାତ ହୁଏ। -ଶ୍ରୀମା



# ୩୦ ବର୍ଷ

ଭାରତରେ ୨୪ ଜୁଲାଇ ୧୯୯୧ରେ ପି. ଭି. ନରସିଂହରାଓଙ୍କ ସରକାର ଉଦାରୀକରଣକୁ ବିଧିବଦ୍ଧ ଭାବେ ଅର୍ଥନୈତିକ ନୀତି ଘୋଷଣା କରିଥିଲେ। ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଦ୍ୱାରା ଏଭଳି ସଂସ୍କାର ଅଣାଯାଇଥିଲା। ସେତେବେଳେ ୩ଟି ଶବ୍ଦ ସର୍ବାଧିକ ଆଲୋଚିତ ହୋଇଥିଲା। ତାହା ଥିଲା ଲିବରାଲାଇଜେଶନ(ଉଦାରୀକରଣ) ପ୍ରାଇଭେଟାଇଜେଶନ(ଘରୋଇକରଣ) ଏବଂ ଗ୍ଲୋବାଲାଇଜେଶନ(ଜଗତୀକରଣ) ବା ଏଲ୍‌ପିଜି। ଏହାର ଅର୍ଥ ହେଲା ଭାରତର ବଜାର ବ୍ୟବସ୍ଥାକୁ ଉନ୍ମୁକ୍ତ କରିବା। ୧୯୯୧ ଜୁଲାଇ ପୂର୍ବରୁ ଭାରତୀୟ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ଦେଖାଦେଇଥିଲା, ତାହାକୁ ପ୍ରତିହତ କରିବା ଲାଗି ମନମୋହନଙ୍କ ପରୀକ୍ଷଣ ସଫଳ ହୋଇଥିଲା ବୋଲି ଅନେକେ ଚିନ୍ତା କରନ୍ତି। କିନ୍ତୁ ତାହା ଏକ ସାମୟିକ ବ୍ୟବଚ୍ଛେଦ ଥିଲା ବୋଲି ପରେ ଜଣାପଡ଼ିଥିଲା। କୌଣସି କାରଣବଶତଃ ଜଣେ ବ୍ୟକ୍ତି ଖଣ୍ଡିଆ ହୋଇଗଲେ ତୁଳାରେ ଆଣ୍ଟିସେପ୍ଟିକ୍ ଲଗାଇ ସଂକ୍ରମିତ ସ୍ଥାନରେ ଲେପ ଦେଲେ ଉପଶମ ମିଳିଥାଏ। କିନ୍ତୁ ସେହି ଆଘାତ ଦୀର୍ଘଦିନ ରହିଗଲେ ବଡ଼ ରୋଗର କାରଣ ପାଲଟିଥାଏ। ୧୯୯୧ ମସିହାର ଉଦାରୀକରଣକୁ ଦେଖିଲେ ସ୍ପଷ୍ଟ ବୁଝାପଡ଼େ ଯେ, ସେହି ସମୟର ଭାରତ ସରକାରଙ୍କ ପାଖରେ ଅର୍ଥାଭାବକୁ ମେଣ୍ଟାଇବା ପାଇଁ ଏଭଳି ସଂସ୍କାର ଅଣାଯାଇଥିଲା। ସେଥିରେ ତତ୍କ୍ଷଣାତ୍ ଲାଭ ମିଳିଥିଲା। କିନ୍ତୁ କୌଣସି ଦୀର୍ଘମିଆଦୀ ସଫଳତା ଆଜିପର୍ଯ୍ୟନ୍ତ ଦେଖାଯାଉ ନାହିଁ। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଅଳ୍ପ କେତେକ ଭାରତୀୟଙ୍କ ପାଖରେ ଦାମୀ ଗାଡ଼ି, ଘରୋଇ ଉଡ଼ାଜାହାଜ ଏବଂ ଗେଟେଡ୍‌କଲୋନୀ ସୃଷ୍ଟି ହୋଇଗଲା। ସେହି ଅଳ୍ପ ଲୋକ ଧନୀ ହୋଇଚାଲିଛନ୍ତି ଏବଂ ଗରିବଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି।

ମନମୋହନଙ୍କ ସମୟରେ ଅଣାଯାଇଥିବା ଆର୍ଥିକ ସଂସ୍କାର ସେବେଠାରୁ ଅବ୍ୟାହତ ଗଡ଼ିଆସିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓ ସରକାରୀ ସମ୍ପତ୍ତିକୁ ବିକ୍ରି କରାଯାଇ ଅର୍ଥ ସୃଷ୍ଟି କରିବାର ମାନସିକତା ଯୋଗୁ ଦେଶବାସୀଙ୍କ ଉନ୍ନତି ହୋଇପାରି ନାହିଁ। ନରସିଂହ ରାଓଙ୍କ ସରକାର ପରେ ଯେତେ ଦଳ ନିର୍ବାଚିତ ହୋଇ ସରକାର ଗଢ଼ିଛନ୍ତି କେହି ଏହି ନୀତିଠାରୁ ଭିନ୍ନ ଚିନ୍ତା କରିବାକୁ ସତ୍‌ସାହସ କରିପାରୁ ନାହାନ୍ତି। ଏବକାର ସରକାର ମଧ୍ୟ ସମାନ ଢଙ୍ଗରେ କାର୍ଯ୍ୟ କରୁଛନ୍ତି। ପ୍ରତିରକ୍ଷା ଲାଗି ଉଦ୍ଦିଷ୍ଟ ଜମି ବିକ୍ରି କରିବାରେ ସରକାର ମୁଣ୍ଡ ପୂରାଇଛନ୍ତି। ଏହାଦ୍ୱାରା ଯେଉଁ କ୍ଷତି ଦେଶକୁ ହେବ ତାହାକୁ ଗୁରୁତ୍ୱର ସହ ବିଚାର କରାଯାଇ ନାହିଁ। ଭବିଷ୍ୟତରେ ଯଦି ଯୁଦ୍ଧ ହୁଏ, ତେବେ ପ୍ରତିରକ୍ଷା ମନ୍ତ୍ରଣାଳୟ ପାଖରେ ଥିବା ଜମିର କେଉଁଭଳି ଉପଯୋଗ କରିବାର ପ୍ରୟୋଜନ ଉଠିବ ତାହା ଏବେ ଚିନ୍ତା କରିବା ଅସମ୍ଭବ। ଅନୁରୂପ ଭାବେ ରେଲୱେର ବଳକା ଜମିକୁ ଯଦି ବିକ୍ରି କରିଦିଆଯାଏ, ତାହା ହେଲେ ଲୋକସଂଖ୍ୟା ଦୃଷ୍ଟିରୁ ଆଗାମୀ ଦିନରେ ଅଧିକ ରେଳପଥ ବିଛାଇବା ଦରକାର ପଡ଼ିଲେ ତାହାର ନିର୍ମାଣ ଅସମ୍ଭବ ହୋଇପଡ଼ିବ। ଗୋଟିଏପଟେ ସରକାର ବୁଲେଟ୍ ଟ୍ରେନ୍ କଥା କହୁଛନ୍ତି ଓ ଆରପଟେ ବିରାଟକାୟ ପରିବହନ ବ୍ୟବସ୍ଥା ବିକଶିତ କରାଯାଇପାରିଲେ ଅର୍ଥନୀତିରେ ବୃଦ୍ଧି ଆସିପାରିବ ବୋଲି ଅନ୍ୟ ଦେଶଗୁଡ଼ିକଠାରୁ ଯାହା ଜଣାପଡ଼େ ତାହାର ଭବିଷ୍ୟତ ନଷ୍ଟ କରିଦିଆଯାଉଛି। ସମ୍ପତ୍ତି ରଖିବା ବିରୋଧରେ ଅନେକ ଯୁକ୍ତି ବଢ଼ାଯାଇପାରେ। କିନ୍ତୁ ସେଭଳି ମାନସିକତା ପ୍ରଦର୍ଶନ କରୁଥିବା ବ୍ୟକ୍ତି କେବଳ କ୍ଷୁଦ୍ର ରାଜନୈତିକ ଚିନ୍ତାଧାରାରେ ପରିଚାଳିତ ବୋଲି ସ୍ପଷ୍ଟ କହିହେବ।

ଦୀର୍ଘ ୭ ବର୍ଷ ଧରି ଶାସନ କରିଆସୁଥିବା ଏବର କେନ୍ଦ୍ର ସରକାର ମନମୋହନଙ୍କ ରାସ୍ତାରେ ଗଡ଼ି ଚାଲିଥିବା ବେଳେ ଆଉ ଦୁଇଟି ବଡ଼ ଭୁଲ ନିଷ୍ପତ୍ତି ନେଇ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଇଛନ୍ତି। ୨୦୧୬ ନଭେମ୍ବର ୮ରେ ଅଚାନକ ନିଷ୍ପତ୍ତି ନିଆଯାଇ ବିମୁଦ୍ରୀକରଣ କରାଯାଇଥିଲା। ଦେଶବାସୀଙ୍କ ମଧ୍ୟରୁ ଅନେକେ ନିଜର ସଞ୍ଚିତ ଅର୍ଥର ବୃହତ୍ ଦୁଇଟି କାଗଜ ନୋଟ୍‌କୁ ହରାଇ ଆର୍ଥିକ ଦୁର୍ବଳ ହୋଇଗଲେ। କୁଟୀର ଶିଳ୍ପ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆର୍ଥିକ ସଙ୍କଟ ଦେଇ ଗତି କରିବାରୁ ଅନେକ ସଂସ୍ଥା ବନ୍ଦ ହୋଇଯାଇଛି। ଫଳରେ ନିଯୁକ୍ତି ହ୍ରାସ ପାଇଛି ଓ ଉତ୍ପାଦନ କମିଛି। ସେହିପରି ୨୦୧୭ ଜୁଲାଇ ୧ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)କୁ ତରବରିଆ ଭାବେ ପ୍ରୟୋଗ କରାଯିବା ଦ୍ୱାରା ଦେଶର ଆର୍ଥିକ ସ୍ୱାସ୍ଥ୍ୟ ଅଧିକ ବିଗିଡ଼ି ଯାଇଛି। ଏବେ 'ଆତ୍ମନିର୍ଭର ଭାରତ' କାର୍ଯ୍ୟକ୍ରମକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ବାସ୍ତବରେ ଯେଉଁମାନେ ସ୍ୱଦେଶୀ ଓ ଆତ୍ମନିର୍ଭର କଥା କହୁଛନ୍ତି, ସେମାନେ ବୁଝିବା ଦରକାର ଯେ ଭାରତ ସେଭଳି ସ୍ୱୟଂ ସମ୍ପୂର୍ଣ୍ଣ ସ୍ତରକୁ ଆସିପାରି ନାହିଁ। ଚାଇନା ସାମଗ୍ରୀ ବର୍ଜନ ଡାକରା ଦେଉଥିବା ବ୍ୟକ୍ତିମାନେ ମଧ୍ୟ ଜାଣିଛନ୍ତି ଯେ, ଭାରତରେ ପ୍ରସ୍ତୁତ ଔଷଧ ଲାଗି ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ ଇନ୍‌ଗ୍ରେଡିଆଣ୍ଟ (ଏପିଆଇ) ସେହି ଚାଇନାଠାରୁ ବିପୁଳ ମାତ୍ରାରେ ଆମଦାନୀ ହୋଇଥାଏ।

ଏହା ସତ୍ୟ ଯେ, ଗତ ଶତାବ୍ଦୀର ୮୦ ଦଶକରେ ଜଣେ ଲୋକ ଗାଡ଼ି ଖଣ୍ଡେ କିଣିବା ପାଇଁ ବର୍ଷବର୍ଷ ଧରି ଅପେକ୍ଷା କରୁଥିଲେ। ହେଲେ ଉଦାରୀକରଣ ଯୋଗୁ ଅନ୍ତର୍ଜାତୀୟ ସଂସ୍ଥା ଭାରତୀୟ ବଜାରରେ ପ୍ରବେଶ କରିବାର ସୁଯୋଗ ପାଇଲେ। କିନ୍ତୁ କେତେ ଭାରତୀୟ ଗାଡ଼ି କିଣୁଛନ୍ତି ? ଏହି ଦେଶର ଜନସଂଖ୍ୟାକୁ ଦେଖିଲେ ତାହାର ପ୍ରତିଶତ ଅତ୍ୟନ୍ତ ନଗଣ୍ୟ। ଭାରତରେ ଅନେକ କୋଟି ଲୋକ ଆଜି ମଧ୍ୟ ପିଇବା ଉପଯୋଗୀ ପାଣି ପାଇବାରୁ ବଞ୍ଚିତ । ଦେଖିବାକୁଗଲେ ଭାରତର ସହରାଞ୍ଚଳରେ ନ୍ୟୁୟର୍କର ସୁବିଧା ଏବଂ ମାଲିର ଦାରିଦ୍ର୍ୟ କାନ୍ଧକୁ କାନ୍ଧ ଲଗାଇ ଛିଡ଼ାହୋଇଛି। ସେଥିପାଇଁ କେବଳ ଘରୋଇକରଣ ଏବଂ ଜଗତୀକରଣ ଦ୍ୱାରା ଭାରତର ଅର୍ଥନୈତିକ ସ୍ଥିତିରେ ସୁଧାର ଆସିପାରୁ ନାହିଁ। ଏହି ଦେଶର ପ୍ରାୟ ସମସ୍ତ ଶିଳ୍ପପତି ଏବେ କେବଳମାତ୍ର ବ୍ୟବସାୟୀ। ଦେଶର ପ୍ରାକୃତିକ ସମ୍ବଳକୁ ଅପବ୍ୟବହାର କରି ଏମାନେ ଅନେକ ହଜାର କୋଟି ଟଙ୍କାର ମାଲିକ। ସେଥିପାଇଁ ଭାରତୀୟ ଧନୀଙ୍କୁ ସବୁବେଳେ ସରକାରୀ ସହଯୋଗ ଲୋଡ଼ା ହୋଇଥାଏ।

କୋଭିଡ୍ ମହାମାରୀ ସମୟରେ ଭାରତୀୟ ଅର୍ଥନୀତି ଅଧିକ ପ୍ରଭାବିତ ହୋଇଛି। ଇତିମଧ୍ୟରେ କେନ୍ଦ୍ର ସରକାର କେବଳ ଋଣ ସହାୟତା ପ୍ୟାକେଜ ଦେଇ ଶିଳ୍ପ ଅଭିବୃଦ୍ଧି କରିବାକୁ ଚାହୁଁଛନ୍ତି। କିନ୍ତୁ ସ୍ଥିତି ଯାହା ହୋଇଛି କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାରୁ ସେମାନେ ଋଣ ନେଇ ଶିଳ୍ପ ଛିଡ଼ା କରିବା କଷ୍ଟକର ବ୍ୟାପାର। ଆଜିର ପରିସ୍ଥିତିରେ ତତ୍‌କ୍ଷଣାତ୍ ଅର୍ଥନୈତିକ ପରୀକ୍ଷଣ କରା ନ ଯାଇ ସମଗ୍ର ଦେଶର ଅର୍ଥ ବ୍ୟବସ୍ଥା କିଭଳି ସୁଧୁରିବ ଓ ତାହାର ଦୀର୍ଘମିଆଦୀ ପ୍ରଭାବ ରହିବ ତାହାକୁ ପ୍ରାଧାନ୍ୟ ଦିଆଯିବା ଦରକାର। ଆଜିର ସମୟରେ କେନ୍ଦ୍ର ସରକାର କେବଳ ନିଜ ମନ୍ତ୍ରିମଣ୍ଡଳ ଓ କାର୍ଯ୍ୟରତ ଅମଲାତନ୍ତ୍ରୀଙ୍କୁ ନେଇ ନୀତି କରିବାରେ ସବୁ କିଛି ସୀମିତ ନ ରଖି ସରକାରଙ୍କ ବାହାରେ ଥିବା ବିଶେଷଜ୍ଞ ଓ ଅନୁଭୂତିସମ୍ପନ୍ନ ବ୍ୟକ୍ତିଙ୍କୁ ସାମିଲ କରି ଅର୍ଥନୀତି ସୁଧାରିବା ଦିଗରେ ପଦକ୍ଷେପ ନେବା ଉଚିତ।

# ମାନସିକ ସ୍ୱାସ୍ଥ୍ୟରେ ଗୋଷ୍ଠୀର ଭୂମିକା

ରାଜୀବ କର୍ମି

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିବରଣୀ ଅନୁଯାୟୀ ପୃଥିବୀରେ ୨ ଭାଗ ଲୋକ ଗୁରୁତର ମାନସିକ ରୋଗ ଏବଂ ୧୫ ଭାଗ ଲୋକ ସାଧାରଣ ମାନସିକ ରୋଗ ସହିତ ବଞ୍ଚୁଛନ୍ତି ଏବଂ ଜାତୀୟ ମାନସିକ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁଯାୟୀ ଭାରତରେ ୨ ରୁ ୩ କୋଟି ଗୁରୁତର ଏବଂ ୨୦ ରୁ ୨୨ କୋଟି ଲୋକ ସାଧାରଣ ମାନସିକ ଅସୁସ୍ଥତା ଭୋଗ କରୁଛନ୍ତି। ତଦନୁଯାୟୀ ଓଡ଼ିଶାରେ ପାଖାପାଖି ୮ ଲକ୍ଷ ଲୋକ ଗୁରୁତର ଏବଂ ୬୦ ରୁ ୭୦ ଲକ୍ଷ ଲୋକ ସାଧାରଣ ମାନସିକ ରୋଗର ଶିକାର ହେଉଛନ୍ତି। କିନ୍ତୁ ସରକାରୀ ହିସାବରେ ଏହି ସଂଖ୍ୟା ଅନେକ ଗୁଣରେ କମ୍। ତେବେ ସେମାନେ ଚିହ୍ନଟ ହେଉ ନାହାନ୍ତି କାହିଁକି ? ଚିହ୍ନଟ ନ ହେଲେ ଚିକିତ୍ସା ସେବା ପାଇବେ କେମିତି ? ଚିକିତ୍ସା ନ ହେଲେ ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଆସିବେ କେମିତି ?

ମାନସିକ ଅସୁସ୍ଥମାନେ ଚିହ୍ନଟ ଏବଂ ଚିକିତ୍ସାକୁ ନ ଆସିବାର ସବୁଠୁ ବଡ଼ କାରଣ ହେଉଛି ସଚେତନତାର ଅଭାବ, ଯାହାଫଳରେ ୯୦ ଭାଗ ସାଧାରଣ ଏବଂ ୫୦ ଭାଗ ଗୁରୁତର ମାନସିକ ରୋଗୀ ଚିକିତ୍ସା ସେବାକୁ ଆସନ୍ତି ନାହିଁ। ପରିବାର ଲୋକ ମାନସିକ ରୋଗର ଲକ୍ଷଣ ସମୂହକୁ ଠିକ୍ ଭାବରେ ବୁଝି ନ ପାରିବା ଏବଂ ଲକ୍ଷଣ ଗୁଡ଼ିକ ବିଭିନ୍ନ ଧରଣର ହୋଇଥିବାରୁ ସେମାନଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଦ୍ୱାରା ନାନା ମୁନିଙ୍କ ନାନା ମତ ପ୍ରକାଶ ପାଏ। ତେଣୁ ମାନସିକ ଅସୁସ୍ଥ ବ୍ୟକ୍ତିକୁ ମାଡ଼ ମାରିବା, ଶିକୁଳିରେ ବାନ୍ଧି ରଖିବା ଏବଂ ଘରୁ ତଡ଼ିଦେବା ଇତ୍ୟାଦି ଦେଖାଯାଏ। ଶାରୀରିକ ରୋଗ ପରି ଘରେ ପଡ଼ି ନ ରହିବା, କୌଣସି ଶାରୀରିକ ଲକ୍ଷଣ ଦେଖା ନ ଦେବା ଏବଂ ବ୍ୟକ୍ତିର ଅଦ୍ଭୁତ ପ୍ରକାର ବ୍ୟବହାର ଯୋଗୁ ପରିବାର ଲୋକ ଏହାକୁ ଏକ ରୋଗ ବୋଲି ଭାବନ୍ତି ନାହିଁ। ତେଣୁ ଔପଚାରିକ ଚିକିତ୍ସା କରନ୍ତି ନାହିଁ। ଅନେକ ସମୟରେ ମାନସିକ ରୋଗୀକୁ ବିନା ଚିକିତ୍ସାରେ ଛାଡ଼ି ଦେବା ଅଥବା ବିଭିନ୍ନ ପାରମ୍ପରିକ ଚିକିତ୍ସା ସେବା ଯେପରିକି ଗୁଣିଗାରେଡ଼ି, ଯାଦୁଟୋନା, ଚେରମୂଳି, ମନ୍ଦିରକୁ ନେଇ ଅଧିଆ ପଡ଼ିବା, ପୂଜକ ପାଖରେ ବିଭିନ୍ନ ପୂଜା କରିବା ଇତ୍ୟାଦି ମାଧ୍ୟମ ଅବଲମ୍ବନ କରନ୍ତି। ଅନେକ ଚେଷ୍ଟା କରିବା ପରେ ମଧ୍ୟ ଭଲ ନ ହେଲେ ତାକୁ ସେଭଳି ଛାଡ଼ି ଦିଅନ୍ତି କିମ୍ବା ଶେଷରେ ଡାକ୍ତରଖାନାକୁ ନିଅନ୍ତି। ଚିକିତ୍ସାରେ ବିଳମ୍ବ ଯୋଗୁ ରୋଗର ପ୍ରକୋପ ବଢ଼ି ଯାଇଥାଏ। ଫଳରେ ଲମ୍ବା ସମୟ ଧରି ଚିକିତ୍ସା କରିବାକୁ ହୁଏ। ଦୁଇ ଚାରି ମାସ ଔଷଧ ଦେଲାପରେ ପରିବାର ଲୋକ ହତାଶ ହୋଇ ଆଉ ଚିକିତ୍ସା କରନ୍ତି ନାହିଁ। ଏହି ରୋଗରେ ଲମ୍ବା ସମୟ ଧରି ଚିକିତ୍ସା ଏବଂ ନିୟମିତ ଔଷଧ ସେବନର ଦରକାର ପଡୁଥିବାରୁ ଅନେକ ପରିବାରର ଧୈର୍ଯ୍ୟ ଭାଙ୍ଗିଯାଏ।

ବିଶେଷଜ୍ଞଙ୍କ ମତରେ ମାନସିକ ରୋଗ ଔଷଧ ଦ୍ୱାରା ୨୦ ଭାଗ ଠିକ୍ ହେଉଥିବା ବେଳେ ୮୦ ଭାଗ ପରିବାର ଏବଂ ଗୋଷ୍ଠୀ ସହଯୋଗରେ ଭଲ ହୋଇଥାଏ। ସଚେତନତା ଅଭାବରୁ ପରିବାର ଲୋକେ କେବଳ ଔଷଧ ଉପରେ ନିର୍ଭର କରି ପାରିବାରିକ ଏବଂ ସାମାଜିକ ସହାୟତାକୁ ଗୁରୁତ୍ୱ ଦିଅନ୍ତି ନାହିଁ। ଅନେକ ସମୟରେ ରୋଗୀ ନିୟମିତ ଔଷଧ ଖାଇ ଖାଇ ବିଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦିଏ। ଏଥିରେ ପରିବାର ଲୋକ ଡରିଯାଇ ଔଷଧକୁ ଅଧାରୁ ବନ୍ଦ କରି ଦିଅନ୍ତି। ଆଉ କିଛି ପରିବାର, ରୋଗୀ ଟିକିଏ ସୁସ୍ଥ ହେଲେ ମଧ୍ୟ କୌଣସି କାମ କରିବାକୁ ଦିଅନ୍ତି ନାହିଁ । ଫଳରେ ଅସୁସ୍ଥ ବ୍ୟକ୍ତିଟି ଆହୁରି ଅଳସୁଆ ହୋଇଯାଏ। କିଛି ଦିନ ଔଷଧ ଖାଇଲା ପରେ ଯେତେବେଳେ କିଛି ଲକ୍ଷଣ କମିବାରେ ଲାଗେ ପରିବାର ଲୋକ ରୋଗ ଭଲ ହୋଇଗଲା ଭାବି ଔଷଧ ବନ୍ଦ କରି ଦିଅନ୍ତି। ମାନସିକ ରୋଗୀ ସୁସ୍ଥ ହେବାରେ ନିଜେ ଅସୁସ୍ଥ ବ୍ୟକ୍ତି, ତା'ର ପରିବାର, ପାଖ ପଡୋଶୀ, ଗାଁ ଲୋକ, ସମ୍ପର୍କୀୟ, ସମାଜ ଏବଂ ସରକାରଙ୍କ ଭୂମିକା ରହିଛି। ଅନେକ ସମୟରେ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ ସଚେତନତାର ଅଭାବ ଥାଏ। ପାଖ ପଡ଼ୋଶୀ ଏହାକୁ ସକାରାତ୍ମକ ଭାବରେ ଗ୍ରହଣ କରୁ ନ ଥିବାରୁ ତିକ୍ତତା ବଢ଼େ। ଅସୁସ୍ଥ ବ୍ୟକ୍ତିର ହିଂସ୍ର, ଚିଡ଼ିଚିଡ଼ା, ରାଗିବା, ଗାଳି କରିବା ଇତ୍ୟାଦି ଲକ୍ଷଣ ଆଖ ପାଖର ଲୋକ ଏବଂ ଗାଁ ଲୋକଙ୍କ ପାଇଁ ଏକ ଅପ୍ରୀତିକର ପରିବେଶ ସୃଷ୍ଟି କରିଥାଏ। ଏଥିପାଇଁ ଗାଁ ଲୋକଙ୍କ ସହିତ ମଧ୍ୟ ଝଗଡ଼ା ସୃଷ୍ଟି ହୁଏ। ଫଳରେ ଅସୁସ୍ଥ ବ୍ୟକ୍ତି ଏବଂ ପରିବାର ଆହୁରି ମାନସିକ ଚାପରେ ରୁହନ୍ତି। ମାନସିକ ଅସୁସ୍ଥତାକୁ ସମାଜରେ ସକାରାତ୍ମକ ଭାବରେ ଗ୍ରହଣ ନ କରିବା, ଅସୁସ୍ଥ ବ୍ୟକ୍ତିକୁ ଟାହିଟାପରା କରିବା, ଟେକା ଫୋପାଡ଼ିବା, ଚିଡ଼େଇବା, ଗାଳି କରିବା ଏବଂ ତାକୁ ଗ୍ରହଣ ନ କରିବା ହେତୁ ଅସୁସ୍ଥତା ଆହୁରି ବଢ଼େ। କୌଣସି ସାମାଜିକ ଏବଂ ସାଂସ୍କୃତିକ କାମରେ ସାମିଲ ନ କରିବା ଏବଂ ସମାଜର ଏକ ଅଙ୍ଗ ଭାବରେ ନ ଭାବିବା ମନୋଭାବ ତାକୁ ସୁସ୍ଥ ହେବା ପାଇଁ ବାଧା ସୃଷ୍ଟି କରେ।

ଘରେ ମାନସିକ ଅସୁସ୍ଥ ବ୍ୟକ୍ତି ଥିଲେ ସେହି ପରିବାର ଅନେକ ବିଭେଦତାର ଶିକାର ହୋଇଥାନ୍ତି। ତାଙ୍କ ଘରକୁ ସାଇ ପଡ଼ିଶା, ବନ୍ଧୁବାନ୍ଧବ ମାନେ ଯିବା ଆସିବା ବନ୍ଦ କରିଦିଅନ୍ତି। ଗାଁର ବିଭିନ୍ନ ସାମୂହିକ ପର୍ବପର୍ବାଣି, ସାମାଜିକ କାର୍ଯ୍ୟକ୍ରମ ଏବଂ ବୈଠକ ଆଦିରେ ସେହି ପରବାରକୁ ସାମିଲ କରାଯାଏ ନାହିଁ। ସମାଜରେ ଏହାକୁ କୌଣସି ପୂର୍ବଜନ୍ମର ପାପର ଫଳ କିମ୍ବା କୃତକର୍ମର ଅଭିଶାପ ବୋଲି ଭାବନ୍ତି। ସେହି ପରିବାରକୁ ମାନସିକ ରୋଗର ପରିବାର ବୋଲି ଆଖ୍ୟା ଦିଅନ୍ତି। ତେଣୁ ସେହି ପରିବାରରେ ବିବାହ କରିବାକୁ କେହି ରାଜି ହୁଅନ୍ତି ନାହିଁ। ଏପରିକି ପରିବାରର ପିଲାଙ୍କୁ ମଧ୍ୟ ଗାଁରେ ଏବଂ ବିଦ୍ୟାଳୟରେ ବିଭେଦତାର ଶିକାର ହେବାକୁ ପଡ଼େ। ଅନେକ ସମୟରେ ଆମକୁ ସେବା ଯୋଗାଉଥିବା ବିଭିନ୍ନ ବ୍ୟକ୍ତିବିଶେଷ ଅଜ୍ଞାନତା ହେତୁ ମାନସିକ ଅସୁସ୍ଥମାନଙ୍କୁ ଭଲ ବ୍ୟବହାର ଦେଖାନ୍ତି ନାହିଁ। ତେଣୁ ଏହି ଅସୁସ୍ଥ ବ୍ୟକ୍ତିଙ୍କର ବିକାଶର ବାଟ ଅନେକ ସମୟରେ ସ୍ୱତଃ ବନ୍ଦ ହୋଇଯାଏ।

ମାନସିକ ଅସୁସ୍ଥର ଚିହ୍ନଟ, ଚିକିତ୍ସା, ସମାଜର ମୁଖ୍ୟ ଧାରାରେ ସାମିଲ ଇତ୍ୟାଦିରେ କେବଳ ଗୋଷ୍ଠୀ ସଚେତନତା ଏବଂ ଭାଗୀଦାରିତା ଦ୍ୱାରା ହିଁ ସମ୍ଭବ। ପ୍ରଥମତଃ ପରିବାର ଏବଂ ଗୋଷ୍ଠୀର ମାନସିକ ଅସୁସ୍ଥତା ବିଷୟରେ ଜ୍ଞାନର ବିକାଶ ଏବଂ ସଚେତନତା ବୃଦ୍ଧି ହେବା ଜରୁରୀ। ଅସୁସ୍ଥତାର ଛୋଟଛୋଟ ଲକ୍ଷଣଗୁଡ଼ିକୁ ଜାଣିବା ଦ୍ୱାରା ରୋଗ ଶୀଘ୍ର ନିରୂପଣ ହୋଇ ଔପଚାରିକ ଚିକିତ୍ସା ସେବା ଆରମ୍ଭ କରାଯାଇପାରିବ। ଗାଁ ଲୋକ ସଚେତନ ହେଲେ ଗୁରୁତର ମାନସିକ ରୋଗୀକୁ ଡାକ୍ତରଖାନା ନେବା, ଦରକାର ହେଲେ ଆର୍ଥିକ ସାହାଯ୍ୟ କରିବା ଇତ୍ୟାଦି ସମ୍ଭବ ହୋଇପାରିବ। ଆରୋଗ୍ୟତା ରୋଗର ସଅଳ ନିରୂପଣ ଏବଂ ସଅଳ ଚିକିତ୍ସା ଉପରେ ନିର୍ଭର କରେ। ମାନସିକ ରୋଗ ଯେହେତୁ ଅନ୍ୟାନ୍ୟ ରୋଗ ଭଳି ଏକ ରୋଗ, ତେଣୁ ଗୁଣି ଗାରେଡ଼ିରେ ସମୟ ଅପଚୟ ନ କରି ଶୀଘ୍ର ଡାକ୍ତରଖାନା ନେବା ଜରୁରୀ। ତେଣୁ ଏହା ଉପରେ ଥିବା ଅନ୍ଧ ବିଶ୍ୱାସକୁ ପରିବାର ଏବଂ ସମାଜରୁ ଦୂର କରିବା ଜରୁରୀ। ଦ୍ୱିତୀୟତଃ ମାନସିକ ଅସୁସ୍ଥ ବ୍ୟକ୍ତିକୁ ଧର୍ଯ୍ୟ ଧରି ଚିକିତ୍ସା ଏବଂ ନିୟମିତ ଔଷଧ ଦେବା ଜରୁରୀ। ଔଷଧର ଗୋଟିଏ ପାନ ମିସ୍ ହେଲେ ରୋଗ ବଢ଼ିଯିବାର ସମ୍ଭାବନା ଥାଏ। ଏହା ସହିତ ଔଷଧର ପାର୍ଶ୍ୱ ପ୍ରତିକ୍ରିୟାକୁ ବୁଝିବା ମଧ୍ୟ ଜରୁରୀ। ତୃତୀୟତଃ ରୋଗର ଲକ୍ଷଣ ଧୀରେଧୀରେ କମି କମି ଆସିଲେ ଅସୁସ୍ଥ ବ୍ୟକ୍ତିକୁ ବ୍ୟକ୍ତିଗତ ପରିଚ୍ଛନ୍ନତା, ପରିବାରରେ ଅନ୍ୟମାନଙ୍କ ସହିତ ମିଳାମିଶା, ଏକାଠି ବସି ଖାଇବା, ବାହାର ଲୋକ ଆସିଲେ ତାକୁ ଚିହ୍ନେଇବା, ଗାଁରେ ବିଭିନ୍ନ କାର୍ଯ୍ୟକ୍ରମକୁ ସାଙ୍ଗରେ ନେଇଯିବା ଇତ୍ୟାଦି ମାଧ୍ୟମରେ ତାକୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ। ଚତୁର୍ଥତଃ ପରିବାରର ଛୋଟମୋଟ କାମ ଯଥା-ଝାଡୁ କରିବା, ପରିବା କାଟିବା, ପାଣି ଆଣିବା ଇତ୍ୟାଦି କାମରେ ସାମିଲ ସହିତ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ଆୟ ବୃଦ୍ଧିକାରୀ କାମରେ ସାମିଲ କରାଯାଇପାରିବ। ପରିବାର, ଗାଁଲୋକ ଏବଂ ବିଭିନ୍ନ ସେବା ଯୋଗାଉଥିବା ବ୍ୟକ୍ତିବିଶେଷ ଅଗ୍ରାଧିକାର ଦେଇ ଅସୁସ୍ଥ ବ୍ୟକ୍ତିଙ୍କୁ ସରକାରୀ ଯୋଜନାରେ ସାମିଲ କରିବା ଦରକାର। ପଞ୍ଚମତଃ ମାନସିକ ଅସୁସ୍ଥ ଥିବା ପରିବାରମାନଙ୍କ ମଧ୍ୟରେ ସାହାଯ୍ୟ ସହଯୋଗ ପାଇଁ ପରିବାର ସହାୟତା ଗୋଷ୍ଠୀ ଗଠନ ଏକ ଅଭିନବ ଉପାୟ। ଏହା ମାଧ୍ୟମରେ ପରିବାର ପରିବାର ମଧ୍ୟରେ ଅସୁବିଧା ସମୟରେ ସାହାଯ୍ୟ, ପରିବାରର ମନୋବଳ ବୃଦ୍ଧି, ଔଷଧ ଆଣିବାରେ ସହାୟତା, ଯତ୍ନକାରୀ ନ ଥିବା ସମୟରେ ସାହାଯ୍ୟ, ଯତ୍ନ ନେବାର ବିଭିନ୍ନ ଉପାୟର ଆଦାନ ପ୍ରଦାନ, ଅଧିକାର ପାଇଁ ଦଳଗତ ଭାବରେ ଦାବି ଉପସ୍ଥାପନ କରାଯାଇପାରିବ। ଉକ୍ତ ଗୋଷ୍ଠୀ ମାନସିକ ଅସୁସ୍ଥତା ପ୍ରତି ଥିବା ଅନ୍ଧବିଶ୍ୱାସ ଏବଂ କୁ-ସଂସ୍କାର ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିପାରିବେ। ଫଳତଃ ଅସୁସ୍ଥ ବ୍ୟକ୍ତିଟି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବ।

ଶଗଡ଼ା, ବୌଦ୍ଧ
ମୋ-୮୩୨୮୮୪୮୧୪୫

# ବାତ୍ୟାର ବୈଜ୍ଞାନିକ ବିଶ୍ଳେଷଣ

ଡ. ସଞ୍ଜୟ କୁମାର ସାମନ୍ତରାୟ

ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟାରେ ଓଡ଼ିଶା ପ୍ରାୟ ପ୍ରତ୍ୟେକ ବର୍ଷ ଗଭୀର ଭାବେ ପ୍ରଭାବିତ ହୋଇ ଆସୁଛି। କେଉଁ ବର୍ଷ ବର୍ଷାଦିନ ପୂର୍ବରୁ ବାତ୍ୟା ଆସେ ତ କେଉଁ ବର୍ଷ ବର୍ଷାଦିନ ପରେ ବାତ୍ୟା ଆସେ। ବିଗତ ବର୍ଷଗୁଡ଼ିକର ବାତ୍ୟାକୁ ବୈଜ୍ଞାନିକମାନେ ବିଶ୍ଳେଷଣ କରି ଦେଖିଛନ୍ତି ଯେ, ବର୍ଷାଦିନ ପୂର୍ବରୁ ହେଉଥିବା ବାତ୍ୟାର ପ୍ରଭାବ କମ୍ ଥାଏ ଏବଂ ବର୍ଷାଦିନ ପରେ ହେଉଥିବା ବାତ୍ୟାର ପ୍ରଭାବ ଅଧିକ ଥାଏ। ୨୦୧୯ ମେ ୩ରେ ଆମେ 'ଫନୀ' ଓ ୨୦୨୦ ମେ ୨୦ ରେ 'ଅମ୍ପନ ବାତ୍ୟାକୁ ସାମ୍ନା କରି ଆସିଛେ। ଏହାର ପ୍ରଭାବ ଅକ୍ଟୋବର ୨୯, ୧୯୯୯ ବାତ୍ୟା ତୁଳନାରେ ଯଥେଷ୍ଟ କମ୍ ଥିଲା। ଏହା ଏକ ଜ୍ୱଳନ୍ତ ଉଦାହରଣ। ୨୦୨୧ ମେ'ରେ ୩ଟି ବାତ୍ୟା ଆସିଛି। ସେଥି ମଧ୍ୟରୁ ବାତ୍ୟା 'ୟାସ' ରହିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଦ୍ୱାରା ବାତ୍ୟାରେ ଓଡ଼ିଶାବାସୀଙ୍କ ଧନ ଜୀବନ ରକ୍ଷା ହୋଇପାରିଛି। ଏହା ସମ୍ଭବ ହୋଇପାରିଛି ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକମାନଙ୍କର ଅତି ନିର୍ଭୁଲ ଆଗୁଆ ପୂର୍ବାନୁମାନ ଓ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମ ଯୋଗୁ- ଏହା ଆମମାନଙ୍କ ପାଇଁ ଗର୍ବ ଓ ଗୌରବର କଥା।

ନିକଟରେ ଭାରତୀୟ ବୈଜ୍ଞାନିକମାନେ ଏକ ନୂଆ ପ୍ରଯୁକ୍ତି ବିକଶିତ କରିଛନ୍ତି, ଯାହା ଭାରତ ମହାସାଗରରେ ସୃଷ୍ଟି ସାମୁଦ୍ରିକ ଝଡ଼କୁ ସାଟେଲାଇଟ୍ ଅପେକ୍ଷା ଆଗୁଆ ଠାବ କରିପାରିବ। ସେମାନଙ୍କ ମତରେ ବାତ୍ୟାଜନିତ କ୍ଷୟକ୍ଷତି ରୋକିବାରେ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଯଥେଷ୍ଟ ପୂର୍ବରୁ ଗ୍ରହଣ କରାଯାଇପାରିବ। ବର୍ତ୍ତମାନ ପର୍ଯ୍ୟନ୍ତ ରିମୋର୍ଟ ସେନ୍‌ସିଂ ପ୍ରଯୁକ୍ତି ସାମୁଦ୍ରିକ ଝଡ଼କୁ ଯଥେଷ୍ଟ ପୂର୍ବରୁ ଚିହ୍ନଟ କରୁଥିଲେ ହେଁ ଏହା ସମ୍ଭବ ହୋଇଥାଏ। ଯେତେବେଳେ ଉଷ୍ମ ମହାସାଗର ପୃଷ୍ଠରେ ସୃଷ୍ଟି ଲଘୁଚାପ ସିଷ୍ଟମ ବିକଶିତ ହୁଏ, ତେବେ ଉଷ୍ମ ସାଗର ପରିବେଶରେ ସାଇକ୍ଲୋନିକ ସିଷ୍ଟମ ସୃଷ୍ଟି ହେବା ପୂର୍ବରୁ ବାୟୁମଣ୍ଡଳୀୟ ଅସ୍ଥିରତା ପ୍ରକ୍ରିୟା ସହିତ ଜଳାବର୍ତ୍ତ ହୋଇଥାଏ ; ଯାହା ଉଚ୍ଚତର ବାୟୁମଣ୍ଡଳୀୟ ସ୍ତରରେ ବଢ଼ିଥାଏ। ସମୁଦ୍ର ଉପରେ ଡିପ୍ରେସନ ସୃଷ୍ଟି ସମ୍ପର୍କରେ ଜାଣିବାରେ ଏହା ଏକ ମୁଖ୍ୟ ବୈଶିଷ୍ଟ୍ୟ। ଏହାକୁ ବ୍ୟବହାର କରି ଅନେକ ପୂର୍ବରୁ ବାତ୍ୟା ସମ୍ପର୍କରେ ପୂର୍ବାନୁମାନ କରାଯାଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ଉକ୍ତ ଟେକ୍‌ନୋଲୋଜିର ବିକାଶ କରିଛନ୍ତି ୟାଣ୍ଟାଇ ଇନ୍‌ଷ୍ଟିଟ୍ୟୁଟ ଅଫ୍ କୋଷ୍ଟାଲ ଜୋନ୍(ଚାଇନା)ର ଭୌତିକ ସମୁଦ୍ର ବିଜ୍ଞାନ ଗବେଷିକା ବିଷ୍ଣୁପ୍ରିୟା ସାହୁ (ଓଡ଼ିଶା), ଆଇଆଇଟି ଖଡ଼ଗପୁରର ଜିୟା ଆଲବର୍ଟ ଏବଂ ପ୍ରସାଦ କେ. ଭାସ୍କରନ୍। ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକ୍ରମ (ସିସିପି) ଅଧୀନ ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ ସହଯୋଗରେ ସେମାନେ ନୂଆ ପଦ୍ଧତି ବିକଶିତ କରିଛନ୍ତି। ଉକ୍ତ ୩ ଜଣ ଭାରତୀୟ ବୈଜ୍ଞାନିକଙ୍କ ଗବେଷଣା ନିକଟରେ ଆଟ୍‌ମୋସ୍ଫିୟରିକ୍ ଗବେଷଣା ପତ୍ରିକାରେ ପ୍ରକାଶ ପାଇଛି। ପୁନଶ୍ଚ ସେମାନେ ୨୦୧୩ର ଫାଇଲିନ୍ ଓ ବାର୍‌ଦା, ୨୦୧୮ର ଗାଜା ଓ ମାଡ଼ି, ୨୦୧୭ର ମୋରା ଏବଂ ୨୦୦୯ର ଆଇଲା ବାତ୍ୟାକୁ ନେଇ ଅଧ୍ୟୟନ କରିଥିଲେ। ସେମାନଙ୍କ ପଦ୍ଧତିରେ ଉକ୍ତ ବାତ୍ୟାଗୁଡିକୁ ଅନ୍ୟୁନ ୪ ଦିନ ଆଗରୁ ଜାଣିପାରିବେ ବୋଲି ବୈଜ୍ଞାନିକମାନେ ମତପ୍ରକାଶ କରିଥିଲେ।

୧୮୯୧ରୁ ୨୦୦୦ ମଧ୍ୟରେ ଓଡ଼ିଶା ପ୍ରାୟ ୯୮ଟି ବାତ୍ୟାର ମୁକାବିଲା କରିଥିବାବେଳେ ପଶ୍ଚିମବଙ୍ଗ ୬୯ଟି, ତାମିଲନାଡୁ ୬୨ଟି, ଗୁଜରାଟ ୨୮ଟି, କେରଳ ୩ଟି ଓ କର୍ନାଟକ ୨ଟି ବାତ୍ୟାର ସମ୍ମୁଖୀନ ହୋଇଛନ୍ତି। କେବଳ ୧୯୯୯ରୁ ୨୦୨୧ ମଧ୍ୟରେ ଓଡ଼ିଶା ୮ଟି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଅଧିକାଂଶ ବାତ୍ୟାରେ ଅନେକ ଧନ ଜୀବନ, ଗୃହପାଳିତ ପଶୁ, କୃଷିଜାତ ଦ୍ରବ୍ୟ, ରାସ୍ତାଘାଟ, ଘରଦ୍ୱାର, ବିଜୁଳି ଶକ୍ତି, ବୃକ୍ଷଲତା, ଜୀବଜନ୍ତୁ, ଅଫିସ ରେକର୍ଡପତ୍ର, ଘରର ଆସବାବପତ୍ର ଓ ସର୍ବୋପରି ଅନେକ ଲୋକ ବିଭିନ୍ନ ରୋଗ ଓ ମହାମାରୀରେ ଶିକାର ହୁଅନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ପ୍ରସ୍ତୁତି, ବାତ୍ୟା ସମୟରେ ସତର୍କତା ଓ ବାତ୍ୟା ପରବର୍ତ୍ତୀ ତୁରନ୍ତ ପଦକ୍ଷେପ ନେଲେ ଅନେକ ଧନଜୀବନ ଓ ବହୁମୂଲ୍ୟ ସମ୍ପତ୍ତି ରକ୍ଷା କରାଯାଇପାରିବ।

ସାଧାରଣତଃ ବାତ୍ୟା ପୂର୍ବରୁ ଯେଉଁସବୁ ତୁରନ୍ତ ପଦକ୍ଷେପ ନେବାକଥା ସେଗୁଡ଼ିକ ମଧ୍ୟରେ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀ ତଥା ଅନ୍ୟ ଲୋକମାନଙ୍କ ପ୍ରବେଶକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରିବା, ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରିବା ଅତ୍ୟନ୍ତ ଜରୁରୀ। ବିପର୍ଯ୍ୟୟ ପରିଚାଳନା ଟିମ୍, ଓଡ୍ରାଫ, ଏନ୍‌ଡିଆର୍‌ଏଫ, ରାସ୍ତା ସଫା ମେଶିନ ଓ ଉଦ୍ଧାର କାର୍ଯ୍ୟ ପାଇଁ ଆବଶ୍ୟକ ସମସ୍ତ ଯନ୍ତ୍ରପାତି ବାତ୍ୟା ପୂର୍ବରୁ ବିଭିନ୍ନ ପ୍ରଭାବିତ ହେବାକୁ ଥିବା ଜିଲାକୁ ପଠାଇବା ନିତାନ୍ତ ଆବଶ୍ୟକ। ଅମଳ ହେବାକୁ ଥିବା ଶସ୍ୟ ଜାତୀୟ ଫସଲ, ପନିପରିବା, ଫଳମୂଳ ଅମଳ କରି ପିଇବା ପାଣି, ଘରର ଖାଦ୍ୟଦ୍ରବ୍ୟ, ମୂଲ୍ୟବାନ ପଦାର୍ଥକୁ ନିରାପଦ ସ୍ଥାନରେ ରଖିବା ଚାଷୀ ଭଉଣୀ ଭାଇମାନଙ୍କର ଏକାନ୍ତ କାମ୍ୟ। ବାତ୍ୟା ସମୟରେ ବାତ୍ୟା ଆଶ୍ରୟସ୍ଥଳ କିମ୍ବା ପକ୍କାଘରେ ବାତ୍ୟା ପରେ ପରେ ଅନେକ ଲୋକ ଓ ଗୃହପାଳିତ ପଶୁପକ୍ଷୀ ବିଭିନ୍ନ ପ୍ରକାର ରୋଗର ଶିକାର ହୁଅନ୍ତି। ଡାକ୍ତରଙ୍କୁ ପରାମର୍ଶ କରି ଔଷଧ ସେବନ କରନ୍ତୁ। ଫସଲ କିଆରିରେ ଜମି ରହିଥିବା ଜଳକୁ ହୁଡ଼ା କାଟି ନିଷ୍କାସନ କରିଦିଅନ୍ତୁ। ଉପୁଡ଼ି ପଡ଼ିଥିବା ବୃକ୍ଷଲତାକୁ ଯଥାସମ୍ଭବ ରକ୍ଷା କରନ୍ତୁ। ଆବଶ୍ୟକସ୍ଥଳେ ବର୍ଷାପାଣିକୁ ବାନ୍ଧି ରଖି ଚାଷ କ୍ଷେତ୍ରରେ ଲଗାନ୍ତୁ।

ବାତ୍ୟା ସହନଶୀଳ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସମୁଦ୍ର ଜୁଆର ରୋକିବା ପାଇଁ ସୁଦୃଢ଼ ଉଚ୍ଚ ଘେରିବନ୍ଧ ବୈଜ୍ଞାନିକମାନଙ୍କ ପରାମର୍ଶରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଶୀଘ୍ର ତିଆରି କଲେ ଭବିଷ୍ୟତରେ ହେବାକୁଥିବା ବାତ୍ୟା ଦାଉରୁ ଅନେକ ମୂଲ୍ୟବାନ ଧନ, ଜୀବନ, ଜୀବିକା, ପଶୁପକ୍ଷୀ, ବୃକ୍ଷଲତା, ରାସ୍ତାଘାଟକୁ ରକ୍ଷା କରାଯାଇ ପାରିବ– ଏହା ନିଃସନ୍ଦେହ। ସମୟ ଥାଉ ଥାଉ ସରକାର ଉଚିତ ପଦକ୍ଷେପ ନେବା ଏକାନ୍ତ କାମ୍ୟ।

**ପ୍ରତିଷ୍ଠାତା ସଭାପତି,**
**ଭାରତୀୟ ଜଳବାୟୁ କଂଗ୍ରେସ ଓ ପ୍ରାକ୍ତନ**
**ଅଧ୍ୟକ୍ଷ ଓୟୁଏଟି, ଭୁବନେଶ୍ୱର**
**ମୋ: ୯୪୩୮୧୨୬୯୯୪**

## ଏଇ ଭାରତରେ

ଅନେକ ସମୟରେ ଜଣକର ଅଭିନୟ ଚିନ୍ତା ଓ କୌଶଳ ଏକ ଜଟିଳ ସମସ୍ୟାର ସମାଧାନ ବାଟ ଦେଖାଇଥାଏ। ଯେମିତି କରିଛନ୍ତି ଗୁଜରାଟର ରାହୁଲ ଚୌଧୁରୀ। ପରିବେଶ ସୁରକ୍ଷା ଲାଗି ପ୍ଲାଷ୍ଟିକ୍ ବର୍ଜ୍ୟର ପୁନଃ ଉପଯୋଗ କରି ମଜଭୁତ ଶିଟ୍ ବା ଚାଦର ପ୍ରସ୍ତୁତ କରୁଛନ୍ତି। ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ବା ବହୁ ପରସ୍ତ ପ୍ଲାଷ୍ଟିକ ଦ୍ରବ୍ୟ ଯଥା ୱାର୍ପର ଓ ଟୁଥ୍‌ପେଷ୍ଟ ଟ୍ୟୁବ୍ ସଂଗ୍ରହ କରି ସେ ଶିଟ୍ ପ୍ରସ୍ତୁତ କରୁଛନ୍ତି। ଏହା ନିଆଁ, ପାଣି, ଉତ୍ତାପ ପ୍ରତିରୋଧୀ ଓ ଉଇ ଏହାକୁ ନଷ୍ଟ କରିପାରୁ ନାହିଁ। ଏବେସୁଦ୍ଧା ରାହୁଲ ୮୦,୦୦୦ ଟନ୍ ପ୍ଲାଷ୍ଟିକ୍ ସଂଗ୍ରହ କରି ତାହାକୁ ଶିଟ୍ ପ୍ରସ୍ତୁତିରେ ବ୍ୟବହାର କରିସାରିଲେଣି। ଏହିସବୁ ଶିଟ୍‌ରେ ଘର ଛାତ ତଥା ବେଞ୍ଚ ନିର୍ମାଣ କରାଯାଉଛି। ଏହା ମଧ୍ୟ ସହଜରେ ବିଘଟନ ହେଉଛି। ୨୦୧୪ରେ ରାହୁଲ 'ରିକନ ପ୍ୟାନେଲ୍‌ମ' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ଏହି କାର୍ଯ୍ୟ କରୁଛନ୍ତି। ଏବେ ଦିନକୁ ସେ ୫୦୦ ଟନ୍ ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ଦ୍ରବ୍ୟର ରିସାଇକ୍ଲିଂ କରୁଛନ୍ତି। ତାଙ୍କ ଦ୍ୱାରା ପ୍ରସ୍ତୁତ ଶିଟ୍ ଯଦି ନଷ୍ଟ ହେଉଛି ତେବେ ତାହାକୁ ମଧ୍ୟ ରିସାଇକ୍ଲିଂ କରାଯାଉଛି। ତେବେ ଏହି ଉତ୍ପାଦ ଅତି କମ୍‌ରେ ୧୫ ବର୍ଷ କୌଣସି କ୍ଷତି ହେବାର ଆଶଙ୍କା ନ ଥିବା କହନ୍ତି ରାହୁଲ। ଏବେ ସେ ଷ୍ଟାର୍ଟଅପ୍‌ର ରିସାଇକ୍ଲିଂର କ୍ଷମତା ୫୦୦ ଟନ୍‌ରୁ ୧୦୦୦ ଟନ୍‌କୁ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ପ୍ଲାଷ୍ଟିକ୍ ବର୍ଜ୍ୟ ସମସ୍ୟା ସମାଧାନ କରି ପରିବେଶ ଉପଯୋଗୀ ଦ୍ରବ୍ୟ ପ୍ରସ୍ତୁତ କରୁଥିବାରୁ କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଏସ୍) ତାଙ୍କୁ ସମ୍ମାନିତ କରିଛି। ଭାରତରେ ପ୍ୟାକେଜିଂରେ ବ୍ୟବହୃତ ପ୍ଲାଷ୍ଟିକ୍ ମଧ୍ୟରେ ମଲ୍‌ଟି ଲେୟାର୍ଡ ପ୍ଲାଷ୍ଟିକ୍ ୪୫% ରହୁଥିବାରୁ ଏଭଳି ବର୍ଜ୍ୟ ସମସ୍ୟା ଦୂର କରିବାରେ ରାହୁଲଙ୍କ ଷ୍ଟାର୍ଟଅପ୍ ଯଥେଷ୍ଟ ସହାୟକ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁଲାଇ ୧୯୯୬

- ରାଣୀ ଏଲିଜାବେଥଙ୍କ ଖ୍ରୀଷ୍ଟମାସ ବାର୍ତ୍ତାର ପ୍ରଯୋଜନା ପାଇଁ ବିବିସିର ଏକଚାଟିଆ ଅଧିକାର ପ୍ରତ୍ୟାହୃତ।
- କେନ୍ଦ୍ର ଲଳିତକଳା ଏକାଡ଼େମୀ ସମ୍ପାଦକ ପଦରୁ ଦୀନନାଥ ପାଠୀଙ୍କ ଇସ୍ତଫା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 2 | 7 | | | | | | 1 |
| 9 | 8 | | 2 | | 7 | 4 | | |
| 4 | | | | | | | | 8 |
| | | | 7 | | 9 | | | |
| | 9 | | | | | 6 | | |
| 6 | | 5 | | | 1 | | | |
| | | | | 9 | | | | |
| | | 6 | 3 | | 4 | | 5 | 2 |
| | | | | 7 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 4 | 3 | 8 | 2 | 6 | 5 |
| 4 | 6 | 2 | 1 | 9 | 5 | 3 | 7 | 8 |
| 5 | 3 | 8 | 7 | 6 | 2 | 9 | 4 | 1 |
| 8 | 1 | 3 | 9 | 5 | 6 | 7 | 2 | 4 |
| 7 | 9 | 6 | 2 | 1 | 4 | 8 | 5 | 3 |
| 2 | 4 | 5 | 8 | 7 | 3 | 1 | 9 | 6 |
| 3 | 2 | 1 | 5 | 4 | 7 | 6 | 8 | 9 |
| 9 | 5 | 7 | 6 | 8 | 1 | 4 | 3 | 2 |
| 6 | 8 | 4 | 3 | 2 | 9 | 5 | 1 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସଚେତନ ହେବା ଜରୁରୀ

ମହାଶୟ,

ଦୁଇବର୍ଷ ଧରି କରୋନା ଦେଶରେ ତାଣ୍ଡବ ଲୀଳା ଜାରି ରଖିଛି। ପୃଥିବୀର ବୈଜ୍ଞାନିକ, ଡାକ୍ତର ଓ ଟେକ୍ନୋଲୋଜି ତାହାର ବିଶାଳ କାୟା ଆଗରେ ପ୍ରତିହତ। କିନ୍ତୁ ସେ ଜନ ସମାଜକୁ ଗ୍ରାସିବାରେ ଲାଗିଛି। ଟିକାକରଣ ଚାଲିଛି, ଟେଷ୍ଟିଂ ଚାଲିଛି। ହେଲେ ଏତେବଡ଼ ବିଶାଳ ଜନସଂଖ୍ୟା ପାଇଁ କୋଟି କୋଟି ଟଙ୍କାର ସମ୍ବଳ ଯୋଗାଡ଼ କରି ସମସ୍ତଙ୍କୁ ଟିକାକରଣ କରିବା ସମୟସାପେକ୍ଷ। ଏହି ସମୟ ମଧ୍ୟରେ କରୋନା ବହୁ ଲୋକଙ୍କୁ ମାରି ପକାଇବ। ତେଣୁ ସରକାର ସେଥିପ୍ରତି ଖୁବ୍ ସଜାଗ ଅଛନ୍ତି। ଠାଆମେ କରୋନାରେ ନିଜ ଜୀବନ ରଖିବାକୁ ଚେଷ୍ଟା କରିବା ଉଚିତ। କିଛି ଅମାନିଆଙ୍କ ଯୋଗୁ ସମଗ୍ର ଗ୍ରାମ ସହରର ମୃତ୍ୟୁ ସଂଖ୍ୟା ବଢ଼ିଯିବ। ଯେଉଁମାନେ ମହାମାରୀର ତାଣ୍ଡବ ଲୀଳାକୁ ହେୟ ଜ୍ଞାନ କରୁଛନ୍ତି ସେମାନେ ଭାବିବା ଦରକାର। ମହାମାରୀ ଏମିତି କିଛିବର୍ଷ ରହିପାରେ। ତା' ସାଙ୍ଗକୁ ପ୍ରକୃତିର ଉଗ୍ରରୂପ ତା' ମଧ୍ୟରେ ମାଡ଼ିଆସୁଛି। ଆମେ ଯେତେ ବେଖାତିର କରିବା ଆମର କାଳକୁ ଆମେ ଡାକିଆଣିବା। କେହି ରକ୍ଷା କରିପାରିବେନି। ସରକାର କ'ଣ କରିବେ। ସରକାର ଜନତାଙ୍କୁ ଧରି ଲୋକଙ୍କ ପ୍ରାଣରକ୍ଷା କରିବା ପାଇଁ ଚେଷ୍ଟିତ। ବର୍ତ୍ତମାନ ସୁଦ୍ଧା କରୋନା ଯୋଗୁ ଲୋକଙ୍କ ଆୟ ଦେଶର ଆୟ ସବୁ ବନ୍ଦ ହୋଇଗଲାଣି। ଦେଶ ଯେଉଁ ହାରରେ ଏହି କିଛିବର୍ଷ ପୂର୍ବରୁ ଉନ୍ନତି କରିଥିଲା ସେ ପୁଣି ତଳକୁ ଖସିଯିବ। ସରକାର ଟଙ୍କା ପାଇବେ କୋଉଠୁ ଲୋକଙ୍କୁ ସବୁ ସୁବିଧାରେ ଯୋଗାଇ ପାରିବେ। ତେଣୁ ସମସ୍ତେ ଦୃଢ଼ ଭାବରେ ସରକାରଙ୍କ ଗାଇଡ୍ ଲାଇନ ମାନିଲେ କରୋନା ପ୍ରତିହତ ହେବ, ଦେଶ ଆଗେଇବ।

– ସୋମନାଥ ମହାପାତ୍ର, ପୂବାଶାସନ, କୌଶଲ୍ୟାଗଙ୍ଗ, ପୁରୀ

## ଚିରନ୍ତନୀ

ପରମାଣୁ ସମ ମୁହିଁ
ପାଇଛି ଯେତିକି ଅଧିକାର
ତବ ଅଙ୍ଗେ, ମୋର ବୋଲି
ଯେଉଁ ସ୍ଥାନ ଅଛି କହିବାର। -(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ସମ୍ବଲପୁର, ସୋମବାର, ୨୬ ଜୁଲାଇ, ୨୦୨୧

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ଼,(ଡି.ଏନ୍.ଏ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ. ଲଳିତରଞ୍ଜନ ସାହୁଙ୍କୁ ଜିଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ଶାହାବାଜ ହୁସେନ୍‌ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାବିଦ୍ୟାଳୟ ଯାଇ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପ୍ରତିନିଧି ଦଳରେ ବିଜୁଛାତ୍ର ଜନତା ଦଳର କର୍ମକର୍ତ୍ତା ହେମନ୍ତ ପାଢ଼ୀ, ରତୁରାଜ ପୁରୋହିତ, ଦୀନେଶ ଠାକୁର, ରେହାନ୍ ଖାନ୍, ସ୍ୱାଗତ ଯୋଶୀ, ସୁଶାନ୍ତ କୁମାର ଦେ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ନାବାଳିକା ଅପହରଣ ଅଭିଯୋଗ: ଯୁବକ ଗିରଫ

ଦେବଗଡ଼,୨୫।୭(ଡି.ଏନ୍.ଏ): ଦେବଗଡ଼ ଥାନାଞ୍ଚଳର ଜଣେ ୧୭ବର୍ଷୀୟା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଦେବଗଡ଼ ଥାନା ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ସୂଚନା ଅନୁଯାୟୀ କେନ୍ଦୁଝର ଜିଲା ରାଇସୁଆଁ ଥାନା ଅନ୍ତର୍ଗତ ପୁରୁମୁଣ୍ଡା ଗ୍ରାମ ବ୍ରାହ୍ମଣୀସାହିର ସ୍ୱର୍ଗତ ପଟେଲ ମୁଣ୍ଡାଙ୍କ ପୁଅ ଗାର୍ଡି ମୁଣ୍ଡା (୨୮) ଗତ ୮ତାରିଖ ସନ୍ଧ୍ୟାରେ ଦେବଗଡ଼ ଥାନାଞ୍ଚଳରୁ ଏହି ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ନାବାଳିକାଙ୍କ ପିତା ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ନାବାଳିକାଙ୍କୁ ଅପହରଣ କରି ନିଜ ଗ୍ରାମରେ ରଖିଥିବା ସୂଚନା ପାଇ ସବଇନ୍ସପେକ୍ଟର ବୁଦ୍ଧରାୟ ମାଝୀ ସେଠାରେ ଚଢ଼ାଉ କରି ଶନିବାର ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଭିନ୍ନଭିନ୍ନ ଦୁର୍ଘଟଣାରେ ଜଣେ ମୃତ, ୨ଗୁରୁତର

ଦେବଗଡ଼,୨୫।୭ (ଡି.ଏନ୍.ଏ.):ଦେବଗଡ଼ ଥାନା ଅନ୍ତର୍ଗତ ବଳମ ଗ୍ରାମ ନିକଟ ଦେଇଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ଭିନ୍ନଭିନ୍ନ ଦୁଇଟି ଦୁର୍ଘଟଣାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଦୁର୍ଘଟଣାରେ ଦମ୍ପତି ଗୁରୁତର ହୋଇଛନ୍ତି। ପୂର୍ବାହ୍ନରେ କଂଢଲ ଗ୍ରାମର ଇଲିଆସ ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ସୁବାସିନୀ ଏକ ବାଇକ ଯୋଗେ ନିଜ ଗ୍ରାମରୁ ଦେବଗଡ଼ ଅଭିମୁଖେ ଆସୁଥିବା ବେଳେ ବଳମ ଶାସନସାହି ନିକଟରେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର୍ ହୋଇଯାଇଥିଲା । ଫଳରେ ଏହି ଦମ୍ପତି ରାସ୍ତାକୁ ଛିଟିକି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଦମ୍ପତିଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେହିପରି ମଧ୍ୟାହ୍ନ ପ୍ରାୟ ୧ଟାରେ ବ୍ରାହ୍ମଣୀପାଲି ଗ୍ରାମର କାର୍ତ୍ତିକ ରଣା ନାମକ ଜଣେ ଯୁବକ ବଳମ ଶାସନ ସାହି ଗ୍ରାମରେ ଚାଷ କାମ କରିବାକୁ ଆସିଥିବା ନିଜ ମାଙ୍କୁ ଭେଟିବାକୁ ଆସି ଘରକୁ ଫେରୁଥିବା ସମୟରେ ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ୍ ଭ୍ୟାନ ବାଇକକୁ ଧକ୍କା ଦେଇଥିଲା । ଫଳରେ ବାଇକ ଆରୋହୀ କାର୍ତ୍ତିକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ କାର୍ତ୍ତିକଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପିକଅପ୍ -ବାଇକ୍ ମୁହାଁମୁହିଁ ଧକ୍କା: ବାଇକ୍ ଚାଳକ ମୃତ

ବ୍ରଜରାଜନଗର,୨୫।୭(ଡି.ଏନ୍.ଏ.): ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୪୯ ନୂଆଡିହି ଛକ ନିକଟରେ ରବିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ପିକଅପ୍ ନଂ. ଓଡ଼ି ୨୩ ବି-୬୮୪୮ ଓ ବାଇକ୍ ନଂ. ଓଡ଼ି ୧୬ଜି-୨୬୨୪ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବାଇକ୍ ଆରୋହୀ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଲିଝୋରୀର ଗଣେଶ ନାୟକ (୩୪)ଙ୍କର ସ୍ଥାନୀୟ ମଣ୍ଡଳିଆ କେନ୍ଦ୍ରୀୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗାନ୍ଧୀ ଛକ ପଟୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ଟ୍ରଲରକୁ ଅତିକ୍ରମ କରିବାକୁ ଯାଉଥିବାବେଳେ ସାମ୍ନାରେ ବାଇକ୍ ଆରୋହୀ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

### ହୀରାକୁଦ ଡ୍ୟାମ୍‌ର ୪ ଗେଟ ଖୋଲା

ସମ୍ବଲପୁର,୨୫।୭(ବ୍ୟୁରୋ): ସମ୍ବଲପୁର ହୀରାକୁଦ ଜଳଭଣ୍ଡାରରୁ ରବିବାର ୪ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ ଜଳସ୍ତର ୬୦୮.୭୭ ଫୁଟ୍ ରହିଛି । ୪ ଗେଟ ଦେଇ ୫୯ ହଜାର ୦୬୪ କ୍ୟୁସେକ ଜଳ ନିଷ୍କାସନ ହେଉଛି । ପାୱାର ଚ୍ୟାନାଲରେ ୧୯,୪୬୪ କ୍ୟୁସେକ, ଶିଳ୍ପ ପାଇଁ ୨୭୨ କ୍ୟୁସେକ, ଚାଷ ପାଇଁ ୨୯୭୮ କ୍ୟୁସେକ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୨୩ ହଜାର ୧୮୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ମୋଟ ୮୨ ହଜାର ୩୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି । ସେହିପରି ପର୍ଥଲା ୧୯ ହଜାର ୯୧୯ କ୍ୟୁସେକ, ଖଇରମାଲରେ ୧ ଲକ୍ଷ ୩ ହଜାର କ୍ୟୁସେକ, ବରମୁଲାରେ ୮୭ ହଜାର କ୍ୟୁସେକ ଓ ମୁଣ୍ଡଳୀରେ ୮୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଚଳିତବର୍ଷ ପ୍ରଥମ ବନ୍ୟାଜଳ ଜୁଲାଇ ୧୧ ତାରିଖରେ ନିଷ୍କାସନ କରାଯାଇଥିଲା । ପ୍ରଥମ ଦିନରେ ୨ଟି ଗେଟ ଦେଇ ଜଳ ନିଷ୍କାସନ ହୋଇଥିଲା ।

# ଖରିଫ ଧାନ ସଂଗ୍ରହ କରିବେ ୮ ଏସ୍ଏଚ୍‌ଜି

ସୁନ୍ଦରଗଡ଼, ୨୫।୭(ଡି.ଏନ୍.ଏ.)



ସୁନ୍ଦରଗଡ଼ ଜିଲାର ଏକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

ସୁନ୍ଦରଗଡ଼ ଜିଲାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ସଦସ୍ୟମାନଙ୍କୁ କେବଳ ପାରମ୍ପରିକ ସାମଗ୍ରୀ ପ୍ରସ୍ତୁତିରେ ସୀମିତ କରି ରଖାଯାଉନାହିଁ। ସେମାନଙ୍କୁ ବିଭିନ୍ନ ଦାୟିତ୍ୱ ଦିଆଯାଇ ସଶକ୍ତ କରାଯାଉଛି। ଏ କ୍ଷେତ୍ରରେ ଏସ୍ଏଚ୍‌ଜି ମହିଳାଙ୍କୁ ଆଉ ପାଦେ ଆଗକୁ ନେବା ପାଇଁ ଜିଲା ପ୍ରଶାସନ ସେମାନଙ୍କ ହାତରେ ପ୍ରଥମଥର ଧାନ ସଂଗ୍ରହର ଦାୟିତ୍ୱ ଦେଇଛି। ୨୦୨୧-୨୨ ବର୍ଷ ପାଇଁ ଜିଲାର ୭ଟି ବ୍ଲକ ଅଧୀନ ୮ଟି ଗ୍ରାମପଞ୍ଚାୟତରେ ସେମାନେ ଧାନ କିଣିବେ। ଏଥିପାଇଁ ୮ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି।

ସାଧାରଣତଃ ସୁନ୍ଦରଗଡ଼ ଜିଲାରେ ବୃହତ୍ତ ଆଞ୍ଚଳିକ ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ୍) ଏବଂ ଆର୍‌ସିଏମ୍ଏସ୍ ସଂସ୍ଥା ଖରିଫ ଏବଂ ରବିଧାନ ସଂଗ୍ରହ କରୁଛନ୍ତି। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧୀନରେ ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଏହି ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି। ସରକାରୀ ମାନଦଣ୍ଡ ଅନୁଯାୟୀ ଯେଉଁ

**ସୁନ୍ଦରଗଡ଼ ଜିଲାରେ ମହିଳା ଏସ୍ଏଚ୍‌ଜିଙ୍କୁ ନୂଆ ଦାୟିତ୍ୱ**

ମହିଳା ଏସ୍ଏଚ୍‌ଜିଙ୍କ ପାଖରେ ଧାନ ଗଚ୍ଛିତ ରଖିବା ପାଇଁ ଗୋଦାମ ସୁବିଧା, ମଣ୍ଡିକୁ ଯିବା ଆସିବା ଲାଗି ରାସ୍ତାର ସୁବିଧା, ବିଜୁଳି, କମ୍ପ୍ୟୁଟର ଏବଂ ଡାଟା ଏଣ୍ଟ୍ରି ଅପରେଟର ଆଦି ରହିଥିବେ ସେମାନଙ୍କୁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଉଛି। ଏହାକୁ ଆଧାରକରି ସୁନ୍ଦରଗଡ଼ ଜିଲାରେ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମନୋନୀତ କରାଯାଇଛି।

ଜୟ ମା' ମଙ୍ଗଳା ଏସ୍ଏଚ୍‌ଜି, ଶାନ୍ତି ଏସ୍ଏଚ୍‌ଜି, ମା' ତାରିଣୀ ଏସ୍ଏଚ୍‌ଜି, ଇନ୍ଦିରା ଏସ୍ଏଚ୍‌ଜି, ମା' ଠାକୁରାଣୀ ଏସ୍ଏଚ୍‌ଜି, ମାର୍ଥା ଏସ୍ଏଚ୍‌ଜି, ମେଘନା ଏସ୍ଏଚ୍‌ଜି ଓ କାମଧେନୁ ଏସ୍ଏଚ୍‌ଜି ବାଲିଶଙ୍କରା, ବଡ଼ଗାଁ, ଗୁରୁଣ୍ଡିଆ, କୁଆଁରମୁଣ୍ଡା, ଲେଫ୍ରିପଡ଼ା ଏବଂ ଲାଠିକଟା ବ୍ଲକର ଗୋଟିଏ ଲେଖାଏଁ ପଞ୍ଚାୟତ ଏବଂ ଲହୁଣୀପଡ଼ା ବ୍ଲକର ୨ଟି ପଞ୍ଚାୟତରେ ଖରିଫ ଧାନ କିଣିବେ।

ଚଳିତବର୍ଷଠାରୁ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବେ। ଏଥିପାଇଁ ଜୁଲାଇ ୧୫ରୁ ଚାଷୀଙ୍କ ପଞ୍ଜୀକରଣ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ନଭେମ୍ବରରୁ ମଣ୍ଡି ଖୋଲାଯାଇ ଧାନ ସଂଗ୍ରହ କରାଯିବ।

## ଟେମ୍ପୁ ଓଲଟି ସାନପୁଅ ମୃତ: ବାପା, ବଡ଼ପୁଅ ଆହତ

ଲହୁଣୀପଡ଼ା,୨୫।୭ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଲହୁଣୀପଡା କଲେଇପୋଷ ପୂର୍ତ୍ତ ବିଭାଗ ରାସ୍ତା ଟକରା ପୋଲ ନିକଟରେ ରବିବାର ଅପରାହ୍ନ ପ୍ରାୟ ଚାରିଟା ବେଳେ ଦୁର୍ଘଟଣା ଘଟିଛି। ଏକ ଡାଲା ଟେମ୍ପୁରେ ୨ଶିଶୁଙ୍କୁ ବସାଇ ଶ୍ୱଶୁର ଘର ଯାଉଥିବାବେଳେ ଅଟୋ ଓଲଟି ପଡିବାରୁ ସାନପୁଅର ମୃତ୍ୟୁ ଘଟିଛି। ଅନ୍ୟ ପୁଅ ଓ ବାପା ଆହତହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲମସି ଗ୍ରାମର କିଶୋର ପାତ୍ର (୨୯) ନିଜେ ଚଳାଉଥିବା ଡାଲା ଟେମ୍ପୁରେ ୨ପୁଅ ଆୟୁସ୍ମାନ(୫) ଓ ଆସ୍ମାନ(୩)ଙ୍କୁ ବସାଇ ଶ୍ୱଶୁର ଘର କୁରୁଡା ପଞ୍ଚାୟତ ବ୍ରାହ୍ମଣୀଗାଁକୁ ଯାଉଥିବାବେଳେ ଟକରା ପୋଲ ନିକଟରେ ଭାରସାମ୍ୟ ହରାଇ ଟେମ୍ପୁ ଓଲଟି ପଡିଥିଲା। ଫଳରେ ଆସ୍ମାନ ଛିଟିକି ପଡିବାରୁ ତା ଉପରେ ଟେମ୍ପୁଟି ଚାପି ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତ ଦୁଇ ଜଣକୁ ଚିକିତ୍ସା ପାଇଁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ଖବର ପାଇ ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

## ଡାଲମିଆ ମହାବିଦ୍ୟାଳୟରେ ଚାରା ରୋପଣ



ଡାଲମିଆ ମହାବିଦ୍ୟାଳୟରେ ଚାରା ରୋପଣ କରାଯାଉଛି।

କୁତ୍ରା,୨୫।୭(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝରବେଡାଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ବୃକ୍ଷଚାରା ରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରେଡକ୍ରସ, ଇକୋ କ୍ଲବ ଓ ଏନ୍‌ସିସି ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ପରିସରରେ ପିଜୁଳି, ଦେବଦାରୁ, ପଣସ ଆଦି ବିଭିନ୍ନ ପ୍ରକାର ବୃକ୍ଷର ଚାରା ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷା ଡ.ହିରନ ଲୁଗୁନ, ଏନ୍‌ସିସି ମୁଖ୍ୟ ଏମ୍‌ଡି ହମ୍ମିଦ ଓ ଅନ୍ୟ ଅଧାପକ ଅଧାପିକା ସାହାଯ୍ୟ କରିଥିଲେ।

# ନୂତନ, ଦକ୍ଷ ସିଆରସିସି ନିଯୁକ୍ତି ହେଉ

କୁତ୍ରା,୨୫।୭(ଡି.ଏନ.ଏ)

କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ଯୋଗୁ ଶିକ୍ଷା ଅନୁଷ୍ଠାନଗୁଡିକ ବନ୍ଦ ରହିଥିଲା। ତେବେ ସୋମବାରଠାରୁ ବିଦ୍ୟାଳୟଗୁଡିକ ଖୋଲିବ। ଏଥିପାଇଁ ବିଭାଗୀୟ ତତ୍ପରତା ଆରମ୍ଭ ହେଲାଣି। ବିଦ୍ୟାଳୟଗୁଡିକରେ ଛାତ୍ରୀଛାତ୍ରଙ୍କ ଉପସ୍ଥିତି ଶିକ୍ଷୟିତ୍ରୀଶିକ୍ଷକଙ୍କ ଆନୁପାତିକ ଉପସ୍ଥାନର ଅଦଳବଦଳ ଜରୁରୀ ବୋଲି ଅଭିଭାବକମାନଙ୍କ ମତ। ଯେଉଁ ବିଦ୍ୟାଳୟରେ ଅଧିକ ପିଲା, କମ ଶିକ୍ଷକ ଅଛନ୍ତି ସେଠାରେ ପିଲା ତୁଳନାରେ ଯେତିକି ଶିକ୍ଷକ ଆବଶ୍ୟକ ସେତିକି ନିଯୁକ୍ତି କରାଯାଉ। ଯେଉଁଠି କମ ପିଲା, ଅଧିକ ଶିକ୍ଷକ ଅଛନ୍ତି, ସେଠାରୁ ଶିକ୍ଷକଙ୍କୁ ଅଧିକ ପିଲା ଥିବା ବିଦ୍ୟାଳୟକୁ ବଦଳି କରାଯାଉ ବୋଲି ଅଭିଭାବକମାନେ କହିଛନ୍ତି। ଯାହା ଫଳରେ ପାଠପଢା ଠିକ୍ ଭାବେ ହୋଇପାରିବ। ତେବେ ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ନିୟନ୍ତ୍ରଣରେ ରହୁଥିବା ସିଆରସିସିମାନଙ୍କ ରିପୋର୍ଟ ଆଧାରରେ ଏହି ବଦଳଅଦଳ ସମ୍ଭବ ହେବ। ମାତ୍ର ସମସ୍ତ ସିଆରସିସିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି। ନୂତନ ସିଆରସିସି ନିଯୁକ୍ତ ହୋଇ ନ ଥିବାରୁ ପୂର୍ବଭଳି ପୁରାତନ ସିଆରସିସିମାନଙ୍କ ମାଧ୍ୟମରେ କାର୍ଯ୍ୟ ଚାଲିଛି। ଏହି ବଦଳଅଦଳ ପାଇଁ ନୂତନ ସିଆରସିସି ନିଯୁକ୍ତି ହେଉ ବୋଲି ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଶିକ୍ଷକ ସଂଘ କର୍ମକର୍ତ୍ତା କହିଛନ୍ତି। ତେଣୁ ବିଦ୍ୟାଳୟ ଖୋଲିବା ସହ ନୂତନ ସିଆରସିସି ନିଯୁକ୍ତି କରାଯାଉ ବୋଲି ସେମାନେ କହିଛନ୍ତି। ତେବେ ଅପେକ୍ଷାକୃତ ଅଭିଜ୍ଞଙ୍କୁ ସିଆରସିସି ପଦବୀରେ ଅବସ୍ଥାପିତ କଲେ କୁତ୍ରା ବ୍ଲକର ଶିକ୍ଷା ବ୍ୟବସ୍ଥା କ୍ରିୟାଶୀଳ ଓ ଦୃଢ଼ ହୋଇପାରିବ ବୋଲି ଆଶା କରିଛନ୍ତି ଶିକ୍ଷୟିତ୍ରୀଶିକ୍ଷକ। ସୂଚନାଯୋଗ୍ୟ କୁତ୍ରା ବ୍ଲକରେ କାର୍ଯ୍ୟ କରୁଥିବା ଅନେକ ବିଦ୍ୟାଳୟ ଉପସ୍ଥାନ ଜନିତ କାରଣ ଯୋଗୁ ବନ୍ଦ ରହିଥିବାବେଳେ ଶିକ୍ଷୟିତ୍ରୀଶିକ୍ଷକଙ୍କ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି। ସ୍ଥାନାନ୍ତରିତ ପ୍ରକ୍ରିୟାରେ ବର୍ତ୍ତମାନ ମଧ ଆନୁପାତିକ ଛାତ୍ର ସଂଖ୍ୟା ଓ ଶିକ୍ଷକ ସଂଖ୍ୟାର ତାଳମେଳ ହୋଇପାରିନାହିଁ। ଏହାକୁ ଗୋଷ୍ଠୀ ଶିକ୍ଷା ବିଭାଗ ଦୃଷ୍ଟିରେ ରଖିବେ ବୋଲି ସାଧାରଣରେ ମତ। କୁତ୍ରା ଗୋଷ୍ଠୀ ଶିକ୍ଷା ବିଭାଗର କେତେକ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବଦଳି ଦାବି ଜୋର ହେଲାଣି। ଶିକ୍ଷକମାନଙ୍କୁ ଅଯଥା ହଇରାଣ କରୁଥିବା କର୍ମଚାରୀ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ବ୍ୟବସାୟ ମନବୃତ୍ତି ରଖି ବର୍ଷବର୍ଷ ଧରି ଆସ୍ଥାନ ଜମେଇଛନ୍ତି। ଏଭଳି କର୍ମଚାରୀମାନଙ୍କୁ ପରିବର୍ତ୍ତନ କରି ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ଆରମ୍ଭ ହେଉ ବୋଲି ମତଦେଇଛନ୍ତି ଶିକ୍ଷାବିତ, ବୁଦ୍ଧିଜୀବୀ।

## ବିଜେଡି ପକ୍ଷରୁ ସ୍କୁଲ ସାନିଟାଇଜ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୨୫।୭(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ତଥା ଆଦେଶକ୍ରମେ ସୋମବାରଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲିଦିନ ୧୦ଟାରୁ ୧ଟା୩୦ ପର୍ଯ୍ୟନ୍ତ ପାଠପଢା ହେବା ପାଇଁ ସ୍ଥିରୀକୃତ ହୋଇଛି। ସହରର ବିଭିନ୍ନ ସ୍କୁଲଗୁଡିକ ବହୁଦିନ ଧରି କୋଭିଡ୍ ପାଇଁ ବନ୍ଦ ପଡିରହିଥିଲା। ବିଦ୍ୟାର୍ଥିମାନଙ୍କର ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସହରରେ ଥିବା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ରାଷ୍ଟ୍ରୀୟ ବିଦ୍ୟାଳୟ, ସ୍ୱତିମେରି ବିଦ୍ୟାଳୟ, ଗାନ୍ଧୀ ବାଳିକା ବିଦ୍ୟାଳୟକୁ ରାଜଗାଙ୍ଗପୁର ବିଜେଡି ପକ୍ଷରୁ ସାନିଟାଇଜ କରାଯାଇଛି। ରାଜଗାଙ୍ଗପୁର ଟାଉନ ସଭାପତି ରାଜେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଦୁଇ ଦିନ ଧରି ଶ୍ରେଣୀ ଗୃହଗୁଡିକ ସାନିଟାଇଜ କରାଯାଇଛି। ଏହି ସାମାଜିକ କାର୍ଯ୍ୟକ୍ରମରେ ବିଜେଡିର ବିଶ୍ୱପ୍ରକାଶ ବେହେରା, କମଲ ଅଗ୍ରୱାଲ, ବିପୁଳ ସିଂ, ଅଜିତ ବେହେରା ଓ ଅନ୍ୟମାନେ ରହିଥିଲେ।

## ହୋଟେଲ, ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ଦିଆଯାଉ

ଝାରସୁଗୁଡା ଅଫିସ୍,୨୫।୭

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କୋଭିଡ୍ ନିୟମ ଆଧାରରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ହୋଟେଲ, ରେଷ୍ଟୁରାଣ୍ଟ ଓ ବାର୍ ଆଦି ବନ୍ଦ ରହିଛି। ଦୀର୍ଘ ୧୫ମାସ ହେଲାଣି ଏହା ବନ୍ଦ ହେବା ଫଳରେ ମାଲିକ ବିପୁଳ କ୍ଷତି ସହୁଥିବାବେଳେ କର୍ମଚାରୀମାନେ ଦରମା ନ ପାଇ ଦୟନୀୟ ଅବସ୍ଥାରେ ରହିଛନ୍ତି। ଏସବୁ ବ୍ୟବସାୟ ବନ୍ଦ ରହିଥିବାବେଳେ ମାଲିକମାନେ ସରକାରଙ୍କୁ ଲାଇସେନ୍ସ ନବୀକରଣ, ଜିଏସ୍‌ଟି, ଇଲେକ୍ଟ୍ରିକ୍ ବିଲ୍, ହୋଲ୍ଡିଂଟ୍ୟାକ୍ସ, ବ୍ୟାଙ୍କ ଋଣ କିସ୍ତି ଆଦି ଦେବାକୁ ପଡୁଛି। ଫଳରେ ମାଲିକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଗଲାଣି। ଜିଲାରେ ହୋଟେଲ୍ ବ୍ୟବସାୟ ରୁଗ୍ଣ ଅବସ୍ଥାରେ ପହଁଞ୍ଚିଥିବାବେଳେ ଏହାର ପ୍ରଭାବ ସିଧାସଳଖ ପର୍ଯ୍ୟଟନସ୍ଥଳୀ ଉପରେ ପଡୁଛି। ଏନେଇ ଝାରସୁଗୁଡା ଜିଲା ହୋଟେଲ ଓ ରେଷ୍ଟୁରାଣ୍ଟ ଆସୋସିଏଶନ ତରଫରୁ ଗତ ୬ତାରିଖରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଉଲ୍ଲେଖ ରହିଥିଲା ହୋଟେଲ ମାଲିକମାନେ ସରକାରଙ୍କୁ ଯେଉଁସବୁ ରାଜସ୍ୱ ଦେଉଛନ୍ତି ସେସବୁରେ ଛାଡ ଓ ରିହାତି ଦିଆଯିବା ସହ ବନ୍ଦଥିବା ହୋଟେଲ୍ ଓ ରେଷ୍ଟୁରାଣ୍ଟ ତୁରନ୍ତ ଖୋଲାଯାଉ । ଏନେଇ ସରକାର କୌଣସି ତତ୍ପରତା ଦେଖାଉ ନ ଥିବାବେଳେ ଆସୋସିଏଶନ ତରଫରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ରବିବାର ସହରର ଏକ ହୋଟେଲ୍‌ରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଆସୋସିଏଶନ ସଭାପତି ଆଶିଷ ପାଲିତ, ସମ୍ପାଦକ ଅଭିଷେକ ଲାଠ, ଅମିତ ଯାଦବ, ଅରୁଣ ମୁନ୍ଦ୍ରା, ପୃଥ୍ୱିରାଜ ବୋଷ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ରହି ଆସନ୍ତା ୧ରୁ ହୋଟେଲ ଓ ରେଷ୍ଟୁରାଣ୍ଟ ଖୋଲିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ ଅଞ୍ଚଳର ୪୦ଊର୍ଦ୍ଧ୍ୱ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନେ ଯୋଗ ଦେଇଥିଲେ ।

# ଫେରାର୍ ଅଭିଯୁକ୍ତ ଗିରଫ: ଛୁରି, ଲୁହାଛଡ଼, ବାଇକ୍ ଜବତ

ବ୍ରଜରାଜନଗର,୨୫।୭ (ଡି.ଏନ.ଏ.)



ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନା ଅନ୍ତର୍ଗତ ଶାସ୍ତ୍ରୀ ନଗରରେ ଗତମାସ ୨୪ ତାରିଖ ରାତି ୯ ଟାରେ ବିପିନ ଗଣ୍ଡ, ତାଙ୍କର ବାପା ଶିବ ରତନ ଓ ଠିକ ୨ଦିନ ପରେ ଅର୍ଥାତ ୨୬ ତାରିଖ ସନ୍ଧ୍ୟାରେ ବିପିନଙ୍କ ଭାଇ ଅମୋଦଙ୍କୁ ଛୁରୀରେ ପ୍ରାଣାନ୍ତକ ଆକ୍ରମଣ କରି ଫେରାର ଥିବା ଦୁର୍ଦ୍ଧାନ୍ତ ଅଭିଯୁକ୍ତ ରାଧେ ନାମଦେ (୩୩)ଙ୍କୁ ପୋଲିସ ଗିରଫ କରିଛି। ଓରିଏଣ୍ଟ ପୋଲିସ ସ୍ପେସିଆଲ ସ୍କ୍ୱାଡ୍ ସହଯୋଗରେ ଧରିବାରେ ସଫଳ ହୋଇଛି। ଅଭିଯୁକ୍ତଙ୍କଠାରୁ ୨ଟି ବାଇକ୍, ୨ଟି ଛୁରୀ, ଗୋଟିଏ ମୋବାଇଲ ଓ ଲୁହା ଛଡ଼ ଜବତ କରାଯାଇଛି। ଏକ ବିଶେଷ ସୂତ୍ରରୁ ଖବରପାଇ ଓରିଏଣ୍ଟ ଆଇଆଇସି କଲ୍ୟାଣି ବେହେରା ପୋଲିସ ଦଳ, ସ୍ପେସିଆଲ ସ୍କ୍ୱାଡ୍ ସହାୟତାରେ ଝାରସୁଗୁଡାରୁ ଶନିବାର ରାତିରେ ରାଧେଙ୍କୁ ଗିରଫ କରିଥିଲେ। ରାଧେ ନାମରେ ଏହାକୁ ମିଶାଇ ୩୧ ମାମଲା ଓରିଏଣ୍ଟ ଥାନାରେ ରହିଛି। ସେଥିରୁ ୨୫ଗୋଟି ମାମଲା କୋର୍ଟରେ ବିଚାରାଧିନ ରହିଥିବା ସମୟରେ ୬ଟି ପେଣ୍ଡିଙ୍ଗ ଅଛି ବୋଲି ଓରିଏଣ୍ଟ ଆଇଆଇସି କହିଛନ୍ତି। ଏହି ଘଟଣାରେ ପୂର୍ବରୁ ପିଣ୍ଟୁ ଗଣ୍ଡଙ୍କୁ ଜୁନ ୨୬ରେ ଓ ଚନ୍ଦ୍ର ପ୍ରକାଶ ମିଶ୍ରଙ୍କୁ ଜୁଲାଇ ୯ରେ ଗିରଫ କରିକୋର୍ଟଚାଲାଣ କରାଯାଇଥିଲା ।

# ଯୋରାବଗା ଗ୍ରାମ ବିସ୍ଥାପିତକୁ ନେଇ ଗଠିତ ହେଲା ଗ୍ରାମ୍ୟ କମିଟି


ବୈଠକରେ ଉପସ୍ଥିତ ଗ୍ରାମବାସୀ।

ଝାରସୁଗୁଡା ଅଫିସ୍,୨୫।୭

ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଖଣି ସଂଲଗ୍ନ ଯୋରାବଗା ଗ୍ରାମକୁ ବିସ୍ଥାପିତ ନ କରି ଖଣି ସମ୍ପ୍ରସାରଣ କରିବା ପାଇଁ ଯୋଜନା ଚଳାଇଥିଲା । ଏହାକୁ ଗ୍ରାମବାସୀ ବିରୋଧ କରି ପ୍ରଥମେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମକୁ ବିସ୍ଥାପିତ କଲା ପରେ ଖଣି ସମ୍ପ୍ରସାରଣ କାମ ଆରମ୍ଭ କରିବ ବୋଲି ଦାବି କରିଥିଲେ। ଏହାକୁ କମ୍ପାନୀ କର୍ତ୍ତୃପକ୍ଷ ବେଖାତିର କରି ସଶସ୍ତ୍ର ପୋଲିସ୍ ଫୋର୍ସ ନେଇ ଖଣି ସମ୍ପ୍ରସାରଣ କାମ ଆରମ୍ଭ କରିବା ପାଇଁ ପ୍ରୟାସ କରିଥିଲା । ଏହାକୁ ଗ୍ରାମବାସୀ ସାମୂହିକଭାବେ ବିରୋଧ କଲା ପରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ତାପରେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ନିକଟରେ ମୁଣ୍ଡ ନୁଆଁଇ ଗ୍ରାମକୁ ବିସ୍ଥାପିତ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ୧ ସପ୍ତାହ ମଧ୍ୟରେ କମ୍ପାନୀ ତରଫରୁ ଗ୍ରାମବାସୀଙ୍କୁ ନୋଟିସ୍ ଜାରି କରାଯାଇ ଡିସେମ୍ବର ୩୧ତାରିଖ ମଧ୍ୟରେ ଯାଦସ୍ ଜାରି କରାଯିବ ବୋଲି ଏକ ତ୍ରିପାକ୍ଷିକ ବୈଠକରେ ନିଷ୍ପତ୍ତି ହୋଇଛି। ଏନେଇ ଆଗାମୀ ଦିନରେ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନାକରି ବିସ୍ଥାପିତ କାର୍ଯ୍ୟକୁ ଆଗେଇ ନେବେ। ଏନେଇ ଗ୍ରାମର ବୀର ବଜରଙ୍ଗ କ୍ଲବ୍ ମଣ୍ଡପରେ ରବିବାର ଗ୍ରାମର କୁମର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ ୧୩ଜଣିଆ କମିଟି ଗଠନ କରାଯାଇଛି। ଏଥିରେ ରାକେଶ ଦୂବେ, ସମୀର କୁମାର ମିଶ୍ର, ପିଣ୍ଟୁ ସାହୁ, ଅନନ୍ତ ବିଶ୍ୱାଳ, ଧିରେଶ ପ୍ରଧାନ, ଗଙ୍ଗାଧର ବିଶ୍ୱାଳ, କୁବେର ସାହୁ, ଦୁଃଖବନ୍ଧୁ ପାଣ, ଅଶ୍ୱିନୀ ମହାରଣା, ରଞ୍ଜନ ମହାରଣା, ଗଜିନ୍ଦ୍ର ବାଗ୍, ଅକ୍ଷୟ ଝାଙ୍କର, ରଜତ କୁମାର ଦୂବେ ରହିଛନ୍ତି। ଏହି କମିଟି ଗ୍ରାମବାସୀଙ୍କ ନିଷ୍ପତି କ୍ରମେ ଆଗକୁ କମ୍ପାନୀ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନ ଆଦି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି କାର୍ଯ୍ୟ କରିବ ବୋଲି ନିଷ୍ପତି ହୋଇଛି।

# ରେଢ଼ାଖୋଲ ବନଖଣ୍ଡରେ ହାତୀ ଉପଦ୍ରବ

ରେଢାଖୋଲ,୨୫।୭ (ଡି.ଏନ.ଏ)

ରେଢାଖୋଲ ବନଖଣ୍ଡରେ ହାତୀ ଉପଦ୍ରବ ବୃଦ୍ଧି ପାଉଛି। ହାତୀପଲ ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡିକରେ ପଶି ବ୍ୟାପକ ଧାନଫସଲ , ପନିପରିବା ଓ ଫଳବଗିଚା ନଷ୍ଟ କରି ଚାଲିଛି । ଏକ ଦନ୍ତାହାତୀ ସମଗ୍ର ବନଖଣ୍ଡରେ ଗତ ୫ ବର୍ଷ ମଧ୍ୟରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଜୀବନ ନେଲାଣି। ଗତ କିଛିଦିନ ହେବ ଏହି ଦନ୍ତା ହାତୀଟି ବଡବାହାଳ ରେଞ୍ଜର ଝିଙ୍କିଦାଦର ଗ୍ରାମରେ ଉପଦ୍ରବ କରି ଚାଲିଛି। ଫଳରେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଦନ୍ତାହାତୀ ଶନିବାର ରାତିରେ ଝିଙ୍କିଦାଦର ଗ୍ରାମର ବାସୁଦେବ ପ୍ରଧାନଙ୍କ ଘର ଭାଙ୍ଗି ପ୍ରାୟ ୨୦ ବସ୍ତା ଧାନ ଖାଇବା ସହ ନଷ୍ଟ କରି ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ବନବିଭାଗକୁ ଖବର ଦେବାରେ ବିଭାଗୀୟ କର୍ମଚାରୀମାନେ ଯାଇ ହାତୀକୁ ଘଉଡାଇଥିବା ଜଣାପଡିଛି। ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧନ ଓ ଜୀବନ ନଷ୍ଟ ହେଉଥିବା ବେଳେ ତୁରନ୍ତ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଷ୍ଟେଶନ ସମ୍ପ୍ରସାରଣ, ସୌନ୍ଦର୍ଯ୍ୟକରଣ ହେବ: ଡିଆର୍‌ଏମ୍

ସମ୍ବଲପୁର,୨୫।୭(ବ୍ୟୁରୋ)

ସମ୍ବଲପୁର ରେଳଷ୍ଟେଶନ ସମ୍ପ୍ରସାରଣ ହେବା ସହ ଏହାର ସୌନ୍ଦର୍ଯ୍ୟକରଣ ହେବ। ସ୍ୱଳ୍ପ ଓ ଦୀର୍ଘ ମିଆଦୀ ଦୁଇଟି ପର୍ଯ୍ୟାୟରେ ଯୋଜନା କରି କାମ ହେବ ବୋଲି ରବିବାର ଷ୍ଟେଶନ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ସୂଚନା ଦେଇଛନ୍ତି। ସେ ଆହୁରି କହିଥିଲେ ଯେ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମହାପ୍ରବନ୍ଧକ ବିଦ୍ୟାଭୂଷଣଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଶନଗୁଡିକ ଆଧୁନିକୀକରଣ କରିବା ସହ ପାସେଞ୍ଜରମାନଙ୍କ ସୁବିଧା ପାଇଁ କାମ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଆଧାର କରି ସମ୍ବଲପୁର ଷ୍ଟେସନକୁ ଆତ୍ୟାଧୁନିକୀକରଣ କରାଯିବ। ପ୍ରଥମେ ଲିଫ୍ଟ, ଅଲୋକୀକରଣ ସହ ପାସେଞ୍ଜରମାନଙ୍କ ସୁବିଧା ପାଇଁ କାମ କରାଯିବ। ଏହାସହ ଆଗକୁ ୨ ଗୋଟି ଅତିରିକ୍ତ ପ୍ଲାଟଫର୍ମ ନିର୍ମାଣ କରାଯିବ । କୋଭିଡ କଟକଣା ସତ୍ତ୍ୱେ ସମ୍ବଲପୁର ମଣ୍ଡଳ ଲୋଡିଙ୍ଗ ଓ ମାଲ ପରିବହନ କରିବାରେ ସଫଳ ସ୍ଥାନରେ ରହିଛି। ୧୧.୪୨ ମିଲିୟନ ଟନ ଲୋଡିଙ୍ଗ କରିପାରିଛି। ସେହିପରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କାମ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି। ଜମି ଅଧିଗ୍ରହଣରେ ବିଳମ୍ବ ହେବାରୁ ପ୍ରକଳ୍ପ କାମ ଧିମେଇ ଯାଇଛି । କ୍ଷେତରାଜପୁର ଓ ଦୁର୍ଗାପାଲିରେ ନିର୍ମାଣାଧୀନ ଫ୍ଲାଏ ଓଭର ଜମି ସମସ୍ୟା ଯୋଗୁ ବିଳମ୍ବ ହୋଇଛି। ଏଣୁ ରାଜ୍ୟ ସରକାରଙ୍କ ସହ ଯୋଜନା କରି ନୂଆ ପ୍ରକଳ୍ପଗୁଡିକ ହାତକୁ ନିଆଯିବ। ଏହି ପରିପ୍ରେକ୍ଷୀରେ ନିର୍ମାଣାଧୀନ କାମରେ ସହଯୋଗ କରିବାକୁ ଅନୁରୋଧ କରାଯିବ ବୋଲି କହିଥିଲେ। କୋଭିଡ କଟକଣା ଯୋଗୁ ବିଭାଗ ପକ୍ଷରୁ ଖେଳକୁଦ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାରେ ସମସ୍ୟା ହୋଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ଅବସରରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଏଲ ଭି ଏସ୍ ଏସ୍ ପାତ୍ରୁଡୁ ଉପସ୍ଥିତ ଥିଲେ। ଖବରଦାତା ସମ୍ମିଳନୀ ପୂର୍ବରୁ ପ୍ରବନ୍ଧକ କୁମାର ଷ୍ଟେଶନ ପରିଦର୍ଶନ କରି ବିଭିନ୍ନ ବିଭାଗର ମୁଖ୍ୟଙ୍କ ସହ ଆଲୋଚନା କରିଥିଲେ।


ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ଅନ୍ୟମାନଙ୍କ ଗହଣରେ ଷ୍ଟେଶନ ବୁଲି ଦେଖୁଛନ୍ତି ।

**୨ଟି ଅତିରିକ୍ତ ପ୍ଲାଟଫର୍ମ ହେବ**

## ଦୁର୍ଘଟଣାରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

କର୍ଲାମୁଣ୍ଡା,(ଡି.ଏନ.ଏ.): କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ନ୍ୟୁ ଚଏସ କ୍ଲଥ ଷ୍ଟୋର ମାଲିକ ତଥା ଯୁବ ବ୍ୟବସାୟୀ ଚକ୍ରଧର ସାହୁ (୫୫)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସାହୁ ତାଙ୍କର ବ୍ୟବସାୟିକ କାମରେ ରବିବାର ବାଇକ୍‌ରେ ଅନ୍ୟ ଜଣେ ଯୁବକଙ୍କ ସହିତ କଣ୍ଟାବାଞ୍ଜି ଯାଉଥିଲେ। ଅପରାହ୍ନ ୨ଟାରେ ବେଲଗାଁ ବଙ୍ଗଳା ଛକ ନିକଟରେ ଟ୍ରକକୁ ସାଇଡ ଦେଉଥିବା ବେଳେ ରାସ୍ତା ପାର୍ଶ୍ୱସ୍ଥ ସୂଚନା ଖୁଣ୍ଟରେ ପିଟି ହୋଇଥିଲେ। ଘଟଣାସ୍ଥଳରେ ସାହୁଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ସହ ଥିବା ଯୁବକଙ୍କୁ ଗୁରୁତର ଅବସ୍ଥାରେ ଟିଟିଲାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସାହୁଙ୍କ ସ୍ତ୍ରୀ ଓ ୩ପିଲା ଅଛନ୍ତି। ଚକ୍ରଧର କର୍ଲାମୁଣ୍ଡର ବିଭିନ୍ନ ଅନୁଷ୍ଠାନ ସହ ଜଡିତ ଥିଲେ।

**ସଂକ୍ଷେପରେ**

## ଯୌତୁକ ନିର୍ଯାତନା ଅଭିଯୋଗ

**ଲୋଇସିଂହା,୨୫।୭(ଡି.ଏନ.ଏ):** ଲୋଇସିଂହା ଥାନାରେ ଯୌତୁକ ଜନିତ ନିର୍ଯାତନା ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ଆଗଲପୁର ବ୍ଲକ ବିନ୍ଧାପାଲି ଗ୍ରାମର ଅମ୍ୱୋବତୀ ନାଏକ ଏନେଇ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତି କରି ୬ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ଦେବାର୍ଚ୍ଚନ ମିର୍ଦ୍ଧା କହିଛନ୍ତି। ସୂଚନାମତେ, ୨୦୧୬ ମସିହାରେ ବିନ୍ଧାପାଲିର ଅମ୍ୱୋବତୀଙ୍କ(୩୨)ଙ୍କର ବରଗଡ ଜିଲା ପର୍ଥଲାର ମନୋଜ ନାଏକଙ୍କ ସହ ବିବାହ ହୋଇଥିଲା। ତାଙ୍କର ୫ବର୍ଷର ଏକ ଝିଅ ଅଛି। ବିବାହ ବେଳେ ବାପ ଘର ଲୋକେ ସୋଫାସେଟ୍ ଦେଇ ନ ଥିବାରୁ କୁଆଡେ ସ୍ୱାମୀ ଓ ଶାଶୁଘର ଲୋକେ ନିର୍ଯାତନା ଦେଉଥିଲେ। ଏହି କାରଣରୁ ଅମ୍ୱୋବତୀ ସ୍ୱାମୀଙ୍କ ପାଖରେ ୬ ମାସ ରହି ବାପ ଘରକୁ ଚାଲି ଆସିଥିଲେ।

## ଆଶ୍ରିତ ଉଜ୍ଜ୍ୱଳା ଗୃହରୁ ୫ଅନ୍ତେବାସୀ ଫେରାର

**ତରଭା ୨୫।୭(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ଆଶ୍ରିତ ଉଜ୍ଜ୍ୱଳା ଗୃହରୁ ୫ଜଣ ଅନ୍ତେବାସୀ ଫେରାର ହୋଇଯାଇଛନ୍ତି। ସେମାନଙ୍କ ମଧ୍ୟରେ ୪ଜଣ ନାବାଳିକା ରହିଛନ୍ତି। ରବିବାର ରାତିରେ ସେମାନେ ରହୁଥିବା ଘରର ସ୍କାଇଲାଇଟ ଭାଙ୍ଗି ଶାଢୀ ବାନ୍ଧି ବାହାରକୁ ପଳାଇଯାଇଥିବା ନେଇ ତରଭା ଥାନାରେ ଆଶ୍ରିତ ଗୃହର ପ୍ରକଳ୍ପ ନିର୍ଦ୍ଦେଶକ କବିତା ସେଠୀ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ରବିବାର ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଜଗତ ଜୀବନ ପଟେଲ, ଏସଡିପିଓ ପୁଷ୍ପାଞ୍ଜଳି ନିର୍ଙ୍ଗ, ଆଇଆଇସି ନିରଞ୍ଜନ ଦାସ, ଏସଆଇ ଆରତୀ କହଁର ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ଖୁବଶୀଘ୍ର ଫେରାର ଅନ୍ତେବାସୀଙ୍କୁ ଉଦ୍ଧାର କରାଯିବ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପଟେଲ କହିଛନ୍ତି। ଏଥିସହିତ କେଉଁ କାରଣରୁ ସେମାନେ ପଳାଇ ଯାଇଛନ୍ତି ତାହାର ଆବଶ୍ୟକ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ଯୁବକଙ୍କୁ ମାଡ଼ ମାରିବା ସହ ଲଣ୍ଡା କରି ଛାଡ଼ିଲେ ଲୋକେ

**କନ୍ଧମାଳ,୨୫।୭(ଡି.ଏନ.ଏ.):** ଜଣେ ଯୁବକ ମୋବାଇଲରେ ଅଶ୍ଳୀଳ ଭିଡିଓ କରିବା ମହଙ୍ଗା ପଡିଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଯୁବକଙ୍କୁ ଲୋକଙ୍କ ଠାରୁ ନିସ୍ତୁକ ମାଡ ଖାଇବା ସହ ଲଣ୍ଡା ହେବାକୁ ପଡିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ବୌଦ୍ଧ ଜିଲା କନ୍ଧମାଳ ବ୍ଲକର ଚାରଭାଟି ଗ୍ରାମରେ। ପ୍ରକାଶ ଯେ, ଚାରଭାଟି ଗ୍ରାମର ଏକ ନାଳରେ ଗ୍ରାମର ଝିଅ ବୋହୁ ଗାଧୋଉଥିବା ବେଳେ ଯୁବକ ଜଣକ ଗଛ ପଛ ପଟେ ଲୁଚି ରହି ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିଲେ। ଏକଥା ପ୍ରଘଟ ହେବା ପରେ ଗ୍ରାମବାସୀ ତାଙ୍କୁ କାବୁ କରି ଏକ ଗଛରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ। ପରେ ତାଙ୍କୁ ଲଣ୍ଡା କରି ତାଙ୍କ ଘରେ ଛାଡିଥିବା ଜଣାପଡିଛି। ଏହି ଯୁବକଙ୍କ ଘର ଶିମିଳିପଦର ପଞ୍ଚାୟତର କନ୍ଧାପାଲି ଗ୍ରାମରେ। ଘରେ ତାଙ୍କ ସ୍ତ୍ରୀ ଓ ସନ୍ତାନ ଥିବା ବେଳେ ତାଙ୍କର ଏଭଳି କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଇଛି। ଏନେଇ କନ୍ଧମାଳ ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରେ ଏଭଳି ଘଟଣା ନେଇ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ପ୍ରକାଶ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଜରୁରୀ ବୈଠକ

**ବଲାଙ୍ଗୀର ଅଫିସ,୨୫।୭:** ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ନିକଟ ହନୁମାନ ମନ୍ଦିରରେ ଗୋପଭୂଷଣ ନାଥଙ୍କ ସଭାପତିତ୍ୱ ଏବଂ ମନୋରଞ୍ଜନ ମିଶ୍ରଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ, ପ୍ରଭାକର ମିଶ୍ର, ବାଦଲ ମହାକୁର, ନରେଶ ଦାସ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ଼ ପ୍ରାରମ୍ଭରେ ପୂର୍ବତନ ଏମ୍‌ପି ନିତ୍ୟାନନ୍ଦ ମିଶ୍ରଙ୍କ ବିୟୋଗରେ ଶୋକସଭା କରାଯାଇଥିଲେ। ଓଡିଶାର ୮ ଲକ୍ଷ ୧୭ ହଜାର ହିତାଧିକାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଦାନ ସକାଶେ କେନ୍ଦ୍ରରୁ ପ୍ରସ୍ତାବ ଆସିଥିବା ସତ୍ତ୍ୱେ ବରଗଡ, ବଲାଙ୍ଗୀର, କଳାହାଣ୍ଡି, ସୁନ୍ଦରଗଡ ଜିଲାରେ ଗୋଟିଏ ମଧ ଆବାସ ଯୋଜନା ପ୍ରଦାନ କରାଯାଇ ନ ଥିବାରୁ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସମନ୍ୱୟ ସମିତି ତରଫରୁ ପ୍ରଥମ ପର୍ଯ୍ୟାୟରେ ପଦଯାତ୍ରା କରାଯାଉଥିବାରୁ ସ୍ୱାଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

# ଭାଙ୍ଗିଦେଲେ ତାରବାଡ଼, ଉପାଡ଼ିଲେ ଚାରା ଗଛ

**ଅମରପାଲି,୨୫।୭(ଡି.ଏନ.ଏ.)**

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ବୀରମହାରାଜପୁର ରେଞ୍ଜ ବହଳପଦର ପଞ୍ଚାୟତର ଭାଲୁଡୁଙ୍ଗୁରୀ(କଲନିପଡା) ନିକଟ ସଂରକ୍ଷିତ ଜଙ୍ଗଲରେ ବନବିଭାଗ ପକ୍ଷରୁ ହୋଇଥିଲା ଚାରାରୋପଣ। ମାତ୍ର ଉକ୍ତ ଜମି ଗ୍ରାମବାସୀଙ୍କ ଦଖଲରେ ଥିବା ଅଭିଯୋଗ କରି ରବିବାର ଗ୍ରାମର ମହିଳା ଓ ପୁରୁଷ ଚାରା ଗଛସବୁ ଓପାଡି ଦେବା ସହ ଲଗାଯାଇଥିବା ତାର ବାଡା ଓ ସିମେଣ୍ଟ ପିଲର ଭାଙ୍ଗି ଦେଇଛନ୍ତି। କିଛିଦିନ ପୂର୍ବରୁ ଉକ୍ତ ଅଞ୍ଚଳରେ ପ୍ରାୟ ୧୦୦ହେକ୍ଟର ଜମିରେ ଚାରାରୋପଣ କରାଯାଇଥିଲା। ବାଣିଜ୍ୟ ପରିବହନ ଏବଂ ଯୋଜନା ଓ ସଂଯୋଜନ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଡିଏଫଓ ସୁଶାନ୍ତ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଚାରାରୋପଣର ଶୁଭାରମ୍ଭ କରିଥିଲେ। ମାତ୍ର ଭାଲୁଡୁଙ୍ଗୁରୀ (କଲନିପଡା)ର ଅଧିବାସୀ ଏଠାରେ ଚାରାରୋପଣକୁ ବିରୋଧ କରିଥିଲେ। ଏ ନେଇ ସେମାନେ ଜିଲାପାଳ ଓ ବନଖଣ୍ଡ ଅଧିକାରୀଙ୍କୁ ମଧ


ଭାଙ୍ଗି ଦିଆଯାଇଥିବା ତାର ବାଡ।

ଚାରାରୋପଣ ନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗରେ ଗ୍ରାମର ସମସ୍ତେ ଆଦିବାସୀ ଓ ଗରୀବ ଶ୍ରେଣୀର ଲୋକେ ଉକ୍ତ ଜମିକୁ ଦୀଘଦିନ ଧରି ଦଖଲ କରି ଚାଷ କରୁଥିବା ଦର୍ଶାଇଥିଲେ। ଏପରିକି ଉକ୍ତ ତାର ବାଡା ଭିତରେ ସେମାନଙ୍କ ବ୍ୟକ୍ତିଗତ ଜମି ଥିବା ଅଭିଯୋଗ କରିଛନ୍ତି। ତେଣୁ ତାର ବାଡା ଭିତରକୁ ସେମାନେ କିପରି ଚାଷ କରି ଯିବେ ବୋଲି ପ୍ରଶ୍ନ କରିଥିଲେ। ଉକ୍ତ ଜମିରେ ବନ ବିଭାଗ ଚାରା ରୋପଣ ନ କରି ସେହି ଜମିକୁ ଆଦିବାସୀ ଗ୍ରାମବାସୀଙ୍କୁ ରେକର୍ଡଭୁକ୍ତ କରିବାକୁ ଦାବି କରିଥିଲେ। ଅଭିଯୋଗ ପରେ ସୁବର୍ଣ୍ଣପୁର ଏଡିଏମ ସୂର୍ଯ୍ୟନାରାୟଣ ଦାସ, ବନଖଣ୍ଡ ଅଧିକାରୀ ସୁଶାନ୍ତ କୁମାର ସାମନ୍ତରାୟ ତିନିଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା

**ଦଖଲ ଜମିରେ ବନ ବିଭାଗର ଗଛଲଗା ଘଟଣା**

- ସରକାରୀ ଜଙ୍ଗଲ ଜମିରେ ହୋଇଛି ଚାରାରୋପଣ: ରେଞ୍ଜ ଅଧିକାରୀ

ଗ୍ରାମବାସୀ ପ୍ରକାଶ କରିଛନ୍ତି। ମାତ୍ର ବିଭାଗ କୌଣସି ସମାଧାନ ନ କରିବାରୁ ରବିବାର ଶତାଧିକ ଗ୍ରାମବାସୀ ପ୍ରାୟ ୪ହଜାର ଚାରା ଉପାଡି ଦେବା ସହ ୨୯୫ଟି ପିଲର ଭାଙ୍ଗି ଦେଇଛନ୍ତି। ଏହାସହ ପ୍ରାୟ ୯ଶହ ମିଟର ତାର ବାଡା ଭାଙ୍ଗି ଦେଇଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହାଙ୍କୁ ପଚାରିବାରୁ ଆମେ କୌଣସି ବ୍ୟକ୍ତିଗତ ଜମିରେ ନୁହେଁ, ସରକାରୀ ଜଙ୍ଗଲ ଜମିରେ ଚାରା ରୋପଣ କରିଛୁ। ସେମାନେ ବେଆଇନ ଭାବେ ଚାରାଗଛ ଉପାଡି ତାର ବାଡ ଭାଙ୍ଗିଛନ୍ତି। ଏହି ଘଟଣା ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ସିଏନ୍‌ଆଇ ଚର୍ଚ୍ଚର ନୂଆ ଗୀର୍ଜାଘର ଉଦ୍‌ଘାଟିତ


ଅତିଥିମାନେ ଗୀର୍ଜାଘରକୁ ଉଦ୍‌ଘାଟନ କରୁଛନ୍ତି।

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ରେ ରବିବାର ସିଏନଆଇ ଚର୍ଚ୍ଚର ନୂତନ ଗୀର୍ଜାଘର ଉଦ୍‌ଘାଟିତ ହୋଇଛି। ଉକ୍ତ ଉତ୍ସବରେ ସମ୍ବଲପୁର ଧର୍ମାଞ୍ଚଳର ପିନୁୟେଲ ଦୀପ ମୁଖ୍ୟବକ୍ତା, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସପତ୍ନୀକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୀର୍ଜାଘରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, କଂଗ୍ରେସ ନେତା ନିପନ ଦାଶ, ଡାଏସିସ୍ ସମ୍ପାଦକ ସନ୍ଦୀପ ବାଗ, ଗାନ୍ଧୀନଗର ମହିଳା ସମିତି ସଭାନେତ୍ରୀ କୁମୋଦିନୀ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଚନ୍ଦ୍ରଶେଖର ବାଗ ଓ ଅମୂଲ୍ୟ ସୁନା କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ଶେଷରେ ଆଚାର୍ଯ୍ୟ ଧିରେନ ନନ୍ଦନ ପ୍ରାର୍ଥନା ଗାନ କରିଥିଲେ।

# ୨୪ଦିନ ହେଲା ପମ୍ପ ହାଉସରେ ତାଲା

**ଲୋଇସିଂହା,୨୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଅମାମୁଣ୍ଡା ବସୁଧା ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରେ ଜଣେ ବ୍ୟକ୍ତି ତାଲା ପକାଇ ଦେଇଛନ୍ତି। ତାଙ୍କ ରୟତି ଜମିରେ ପମ୍ପ ହାଉସ ନିର୍ମାଣ ହୋଇଥିବା ଅଭିଯୋଗ କରି ସେ ଏହିପରି କରିଥିବା କୁହାଯାଉଛି। ଏଥିଯୋଗୁ ପ୍ରକଳ୍ପରୁ ଗତ ୨୪ଦିନ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଗ୍ରାମବାସୀ ପାଣି ପାଇଁ ହଟହଟା ହେଉଛନ୍ତି। ପମ୍ପ ହାଉସ ତାଲା ଖୋଲି ଜଳ ଯୋଗାଣ କରିବାକୁ ୱାର୍ଡସଭ୍ୟ ଜତିନ୍ଦ୍ର କୁଅଁର ଓ ଗ୍ରାମବାସୀ ଶନିବାର ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ନିର୍ଯ୍ୟାସ ବାହାରି ପାରି ନ ଥିଲା। ତେଣୁ ସୋମବାର ଗ୍ରାମବାସୀ ଆରଡବ୍ଲ୍ୟୁଏସଏସ ଅଫିସ ଘେରାଉ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି।



- ନିଜ ରୟତ ଜମିରେ ହୋଇଥିବା କହି ଜଣେ ବ୍ୟକ୍ତି ପକାଇଛନ୍ତି ତାଲା
- ପାଇପ ପାଣି ପାଇ ପାରୁ ନାହାନ୍ତି ଅମାମୁଣ୍ଡା ଗ୍ରାମବାସୀ

ଲୋଇସିଂହା ଥାନା ତଥା ବଲାଙ୍ଗୀର ସଦର ବ୍ଲକ ମନହୀରା ପଞ୍ଚାୟତ ଅଧୀନ ୨ୱାର୍ଡ ବିଶିଷ୍ଟ ଅମାମୁଣ୍ଡା ଗାଁରେ ୨ଶହ ପରିବାର ବାସ କରନ୍ତି। ଜନସଂଖ୍ୟା ପ୍ରାୟ ୧ ହଜାର। ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଥିଲା। ଗ୍ରାମବାସୀଙ୍କ ଦାବି ପରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ୨୦୧୮ ମସିହାରେ ଆରଡବ୍ଲ୍ୟୁଏସଏସ ବିଭାଗ ପକ୍ଷରୁ ଗ୍ରାମ ନିକଟ କୁଶଙ୍ଗାଇ ଜୋରରେ କପ ଏବଂ ତତ୍‌ସଂଲଗ୍ନ ଜମିରେ ପମ୍ପ ହାଉସ ସ୍ଥାପନ କରି ଗ୍ରାମକୁ ଜଳ ଯୋଗାଣ ହେଉଛି। ହେଲେ ପଡୋଶୀ ସୁଜିଆ ଗ୍ରାମର ଜଣେ ବ୍ୟକ୍ତି ନିର୍ମାଣାଧୀନ ପମ୍ପ ହାଉସ ସ୍ଥଳ ନିଜ ରୟତି ଜମିରେ ହୋଇଥିବା କହି ଚଳିତ ମାସ ୨ତାରିଖରୁ ପମ୍ପ ହାଉସରେ ତାଲା ପକାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟକ୍ଷମର ୩ ବର୍ଷ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଏତାଦୃଶ ଆଚରଣରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶନିବାର ଥାନାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ଗ୍ରାମବାସୀ ଆଲୋଚନା କରିଥିଲେ। ହେଲେ ସେ ତାଲା ଖୋଲିବାକୁ ରାଜି ନ ହେବାରୁ ପରିସ୍ଥିତ ଜଟିଳ ହେବାରେ ଲାଗିଛି।

## ସମବାୟ ନିବନ୍ଧକଙ୍କୁ ଭେଟିଲେ ଚାଷୀ ପ୍ରତିନିଧି

**ଲୋଇସିଂହା,୨୫।୭(ଡି.ଏନ.ଏ)**

ଆଗଲପୁର ବ୍ଲକର ଆଗଲପୁର, କୁଟାସିଂହା ଓ ନୁନିଆଁପାଲି ପଞ୍ଚାୟତର ଚାଷୀ ୨୦୨୦-୨୧ ଖରିଫ ଫସଲ ବୀମା ସହାୟତାରୁ ବଞ୍ଚିତ ହୋଇଛନ୍ତି। ଗତ ନଭେମ୍ବର ୨୦୨୦ରେ କୃଷି, ରାଜସ୍ୱ ଏବଂ ଏଆଇସିସି କମ୍ପାନୀ ପକ୍ଷରୁ କ୍ରପକଟିଂ କରାଯାଇଥିଲା। ଏଥିରୁ ଚାଷୀ କୃଷିବୀମା ପାଇବାକୁ ଯୋଗ୍ୟ ବୋଲି ସେତେବେଳେ କୁହାଯାଇଥିଲା। ହେଲେ ଚାଷୀଙ୍କୁ କୌଣସି ସହାୟତା ନ ମିଳିବାରୁ ସେମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ ଏଥିରୁ ବି କୌଣସି ସୁଫଳ ମିଳି ନ ଥିବା ଚାଷୀମାନେ କହିଛନ୍ତି। ଶେଷରେ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ୨୧ଜଣିଆ ଚାଷୀ ପ୍ରତିନିଧି ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ନିବନ୍ଧକ(ଆରସିଏସ) ସୁଶାନ୍ତ କୁମାର ବାରିକ, କୃଷିବୀମା କମ୍ପାନୀ ମୁଖ୍ୟ ବିଷ୍ଣୁ ପ୍ରକାଶ ଜେନାଙ୍କୁ ଭେଟିଥିଲେ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରି ସହାୟତା ପ୍ରଦାନ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଉଭୟ ଅଧିକାରୀ କହିଥିଲେ। ପ୍ରତିନିଧି ଦଳରେ ରାମଚନ୍ଦ୍ର ପଟେଲ, ନାରାୟଣ ସାହୁ, ଅନୁପ ସିଂଦେଓ, ଗଣେଶ ପାଣ୍ଡେ ପ୍ରମୁଖ ସାମିଲ ଥିଲେ।

# ୪ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ: ୨ ଗିରଫ



ଜବତ ଗଞ୍ଜେଇ: ପୋଲିସ କର୍ମଚାରୀଙ୍କ ସହ ୨ ଅଭିଯୁକ୍ତ।

**ବୌଦ୍ଧ,୨୫।୭(ସ୍ୱ.ପ୍ର.)**

ବୌଦ୍ଧ ଜିଲା ଗଞ୍ଜେଇ ଚାଷ ଓ କାରବାରର ପେଣ୍ଠସ୍ଥଳୀ ପାଲଟିଛି। ଏହି ଜିଲାର ଗଞ୍ଜେଇ ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ରହିଛି। ଫଳରେ ପ୍ରତିଦିନ ଗଞ୍ଜେଇ ଚାଲାଣ ବେଳେ ଧରାପଡୁଥିବା ଦେଖିବାକୁ ମିଳିଛି। ଗତ ଶୁକ୍ରବାର ମନମୁଣ୍ଡା ପୋଲିସ ଏକ ରସୁଣ ବୋଝେଇ ମିନିଟ୍ରକରୁ ୨ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଚାଲାଣ ବେଳେ ଧରିଥିଲା। ଏହି ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୁଣି ଶନିବାର ବୌଦ୍ଧ ଥାନା ପୋଲିସ ୪ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଗଞ୍ଜେଇ ଚାଲାଣ ବେଳେ ଏହାକୁ ଜବତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ମିଳିଥିବା ସୂଚନା ମୁତାବକ, ଗୁନ୍ଦୁଲିଆ ଅଞ୍ଚଳରୁ ବିପୁଳ ପରିମାଣର ଗଞ୍ଜେଇ ବାହାରକୁ ଚାଲାଣ ହେଉଥିବା ବୌଦ୍ଧ ଥାନା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏନେଇ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ଧରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଉକ୍ତ ଗଞ୍ଜେଇ ଏକ ମାସ୍କ ପିକ୍‌ଅପ୍ ଭ୍ୟାନରେ ଗୁନ୍ଦୁଲିଆ ପଟୁ ବାଉଁଶୁଣୀ ଅଞ୍ଚଳକୁ ଯାଉଥିବା ଜଣାପଡ଼ିବା ପରେ ପୋଲିସ ଉକ୍ତ ରାସ୍ତାର ଖଜୁରୀପଡା ଛକ ନିକଟରେ ଜଗି ରହିଥିଲେ। ଅପରାହ୍ନ ପ୍ରାୟ ୩ଟା ବେଳେ ସେହି ରାସ୍ତାରେ ଓଡି -୦୩ ଏସ ୧୬୫୧ନଂ ପିକ୍‌ଅପ୍ ଭ୍ୟାନ ଆସିବାରୁ ଗାଡିକୁ ଅଟକାଇ ଯାଞ୍ଚ କରାଯାଇଥିଲା। ପୋଲିସ କର୍ମଚାରୀ ଭ୍ୟାନ୍ ଡାଲାରେ ୧୨ ଗୋଟି ବସ୍ତାରେ ଗଞ୍ଜେଇ ଥିବା ଦେଖି ଜବତ କରିଥିଲେ। ଜବତ ଗଞ୍ଜେଇ ୪ କୁଇଣ୍ଟାଲ ୨୫ କେଜି ବୋଲି ଜଣାଯାଇଛି। ଏହି ଘଟଣାରେ ମନମୁଣ୍ଡା ଥାନା ବଡ଼ଜୁନାନୀ ଗାଁର ରାଜୀବ ମଲିକ (୩୨) ଓ ପଙ୍କୁଆଳପଡାର ପରମେଶ୍ୱର କର୍ଣ୍ଣ (୩୦)ଙ୍କୁ ଗିରଫ କରାଯିବା ସହ ଭ୍ୟାନକୁ ଜବତ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି।

# ସଙ୍ଗୀତ ଏକାଡ଼େମୀରେ ସାମିଲ ହେବ ଶବ୍ଦନୃତ୍ୟ

**ବରଗଡ଼ ଅଫିସ୍,୨୫।୭**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ କୁମ୍ଭାରୀରେ ଶବ୍ଦନୃତ୍ୟକୁ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଦୀକ୍ଷାନ୍ତ ରବିବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଶବ୍ଦନୃତ୍ୟ ଗୁରୁ ସ୍ୱର୍ଗତ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଆଜାଦ ଯୁବକ ସଂଘ ପକ୍ଷରୁ ଏକ ସଭା ହୋଇଥିଲା। ଏଥିରେ ସଙ୍ଗୀତ ଏକାଡ଼େମୀ ସଚିବ ଡଃ ପ୍ରବୋଧ କୁମାର ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶବ୍ଦନୃତ୍ୟକୁ ଓଡ଼ିଶା ସଙ୍ଗୀତ ଏକାଡ଼େମୀରେ ସାମିଲ କରିବା ନେଇ ମୁଖ୍ୟଅତିଥି ସୂଚନା ଦେଇଥିଲେ। ସେହିପରି ଶବ୍ଦନୃତ୍ୟ ଶିକ୍ଷା ପାଇଁ ଜଣେ ଗୁରୁଙ୍କୁ ମାସିକ ୫ହଜାର ଟଙ୍କା ଏବଂ ୧୦ଜଣ ଛାତ୍ରଙ୍କୁ ଜଣ ପିଛା ୧୫୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ରଥ



ଦୀକ୍ଷାନ୍ତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଘୋଷଣା କରିଥିଲେ। ଅଧ୍ୟାପକ ଡଃ ପ୍ରତାପ ପ୍ରଧାନ ଦେବୀ ପୂର୍ଣ୍ଣମାସୀ ଏବଂ ଗୁରୁ ଭଗବାନ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ଅଭିନେତା ରାମଜୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡଃ ରଥ, ବିଜେପୁର ବିଧାୟିକା ରୀତା ସାହୁ, ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ରବି ରତନ ସାହୁ, ଅଭିନେତ୍ରୀ ଡଃ ତପସ୍ୱିନୀ ଗୁରୁ, ପ୍ରଫେସର ଡଃ ସୁଜିତ କୁମାର ପୃଷେଠ, ଅଭିନେତା ପ୍ରଦୀପ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗୁରୁ ଭାଗବତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଗଦାଧର ବରିହା ଶବ୍ଦନୃତ୍ୟ ପରିବେଷଣ କରିଥିଲେ। ଦଧିବାମନ ଶତପଥି, ତୁଳସୀ ଚରଣ ଦାଶ, ଭୁବନ ଭୋଇ, ଶିବାନନ୍ଦ ମଟାରୀ, ଉଦ୍ଧବ ମେହେରା, ମହେନ୍ଦ୍ର ମେହେର ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଭିନେତା ସେବାନନ୍ଦ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

**ଖପ୍ରାଖୋଲ, ୨୫।୭(ଡି.ଏନ.ଏ.)**

ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭା ଗୃହରେ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଡା. ସୁରଜ ଦୀପ, ସୁପରଭାଇଜର ନାରାୟଣ ପ୍ରଧାନୀ, ଏଏନଏମ ରଞ୍ଜିତା ସାହୁ ପ୍ରମୁଖ ଯୋଗଦେଇ ଜନସଂଖ୍ୟା ରୋକିବା ପାଇଁ ଉପସ୍ଥିତ ମାମାନଙ୍କୁ ବୁଝାଇଥିଲେ। ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ମହିଳାଙ୍କୁ ଅନ୍ତରା ଟିକା ଉପରେ ବୁଝାଯାଇଥିବାବେଳେ ୩୦ଜଣଙ୍କୁ ଟିକା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପିଏଚଇଓ ବାଲଚାନ୍ଦ ଛତ୍ରିଆ ପରିଚାଳନା କରିଥିଲେ।

# ଲୁଟିନେଲେ ମୋବାଇଲ

**ଅତାବିରା,୨୫।୭(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରା ନିକଟ ଝାଇଁଜୋର ବ୍ରିଜ୍ ନିକଟରେ ଶନିବାର ରାତ୍ରିରେ ଲୁଟ୍ ହୋଇଛି। ଲୁଟେରାମାନେ ଜହ୍ନାପଡ଼ା ନିବାସୀ ସୌମେନ୍ଦ୍ର ପାଣିଗ୍ରାହୀଙ୍କ ଏକ ମୋବାଇଲ ଲୁଟି ନେଇଛନ୍ତି। ସୌମେନ୍ଦ୍ର ଏକ ବାଇକ୍ ଯୋଗେ ସମ୍ବଲପୁର ଯାଇଥିଲେ। ସେଠାରୁ ଏକ ବସ୍ତାରେ ନଡ଼ିଆ ଧରି ରାତ୍ରିରେ ଘରକୁ ଫେରୁଥିଲେ। ବାଟରେ ଝାଇଁଜୋର ବ୍ରିଜ୍ ନିକଟରେ ତାଙ୍କ ବାଇକ୍ ଅଚଳ ହୋଇଯାଇଥିଲା। ଫଳରେ ସେଠାରେ ସେ ଅଟକିଥିଲେ। ଏହି ସମୟରେ ୩ଜଣ ଲୁଟେରା ତାଙ୍କ ପାଖକୁ ପହଞ୍ଚି ମୋବାଇଲ ଲୁଟି ନେଇ ଅତାବିରା ପଟକୁ ଖସି ପଳାଇଥିଲେ।

# ସିଂଘିଜୁବା ହାଇସ୍କୁଲ ସମସ୍ୟା ନେଇ ବୈଠକ

**ବିନିକା,୨୫।୭(ଡି.ଏନ୍.ଏ.)**

ବିନିକା ବ୍ଲକ ସିଂଘିଜୁବା ହାଇସ୍କୁଲ ପୁରାତନ ଛାତ୍ରଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରେମରାଜ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷକ ଭରତ ସାହୁ, ପଦ୍ମନାଭ ମାହାଣା ସ୍କୁଲର ଶିକ୍ଷକ ଅଭାବ ସହ ଅନ୍ୟାନ୍ୟ ସମସ୍ୟା ଉପରେ କହିଥିଲେ। ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରମାନେ ଅଧିକ ସଂଖ୍ୟାରେ ସାମିଲ ହେଲେ ଶିକ୍ଷାନୁଷ୍ଠାନ ସମସ୍ୟା ସମାଧାନର ବାଟ ବାହାରିବ ବୋଲି କହିଥିଲେ ପ୍ରଧାନଶିକ୍ଷକ ପତି। ଶେଷରେ ବିନିକା ବିଇଓଙ୍କୁ ମୋ ସ୍କୁଲ ଅଭିଯାନ ସଭାପତି, ପ୍ରଧାନଶିକ୍ଷକ ସମ୍ପାଦକ ଚୟନ କରାଯାଇଥିଲା। ଚୟନ ହୋଇଥିବା ୧୧ ମୁଖ୍ୟ ସହଯୋଗୀ ପୁରାତନ ଛାତ୍ରଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ, ଉମେଶ ଚନ୍ଦ୍ର ପୂଜାରୀ, ସୁରେନ୍ଦ୍ର ବର୍ଗର୍ତ୍ତୀ, ନିରାକାର କର୍ଣ୍ଣ, ସୁନୀଲ କୁମାର ସାହୁ, ମଦନ ମହାକୁର, ଚନ୍ଦ୍ରଭାନୁ ଦେହେରୀ, ବ୍ରଜମୋହନ ବାରିକ, ବିଜୟ ପଧାନ ରହିଛନ୍ତି। ପୁରାତନ ଛାତ୍ରମାନେ ମୋ ସ୍କୁଲ ଅଭିଯାନରେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ପରିଚାଳନା କମିଟି ସଭାପତି ଆଶିଷ ରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଯୋଗଦେବା ଅବସରରେ ହାଇସ୍କୁଲର ଶିକ୍ଷକ ଓ ପୁରାତନ ଛାତ୍ରମାନେ।

# ରାସ୍ତାରୋକୋ ପରେ ୧୦ଅଟକଙ୍କୁ ଛାଡ଼ିଲା ପୋଲିସ

**ସଇଁତଲା,୨୫।୭ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୋସଳାଞ୍ଚଳକୁ ଅବହେଳା ପ୍ରତିବାଦରେ କୋସଳ ଯୁବ ସମନ୍ୱୟ ସମିତି ତରଫରୁ ଶନିବାର ଭବାନୀପାଟଣାଠାରୁ ବରଗଡ଼ ପର୍ଯ୍ୟନ୍ତ ୬ଦିନିଆ କୋସଳ ସ୍ୱାଭିମାନ ଯାତ୍ରା ଆରମ୍ଭ ହୋଇଛି। ସଇଁତଲା ନିକଟ ବରଗାଁ ଛକଠାରେ ସମନ୍ୱୟ ସମିତିର ସଦସ୍ୟମାନେ ରାଜ୍ୟ ମହିଳା କଲ୍ୟାଣ, ଶିଶୁ ବିକାଶ ଓ ମିଶନ ଶକ୍ତିମନ୍ତ୍ରୀ ଟୁକୁନୀ ସାହୁଙ୍କୁ ଅଟକାଇ ଥିଲେ। କୋଶଳାଞ୍ଚଳ ସମସ୍ୟାକୁ ଅଣଦେଖା କରୁଥିବା ଅଭିଯୋଗ କରି ପାଟିତୁଣ୍ଡ କରିଥିଲେ। ମନ୍ତ୍ରୀଙ୍କ ପିଏସଓ ସୁଶାନ୍ତ କୁମାର ମଲ୍ଲିକଙ୍କ ଅଭିଯୋଗକୁ ଭତ୍ତି କରି ସଇଁତଲା ଥାନାରେ ଦଫା ୧୪୩, ୩୪୧, ୨୯୪, ୩୨୩, ୫୦୬, ୩୫୩, ୧୪୯ରେ ଏକ ମାମଲା(ନଂ.୨୦୬/୧୧) ରୁଜୁ ହୋଇଛି। ସଇଁତଲା ପୋଲିସ କୋସଳ ସମନ୍ୱୟ ସମିତିର ରାଜପୁତ ବନମାଳୀ ନାଏକ, ଅଚ୍ୟୁତ ଖମାରୀ, ରଞ୍ଜନ ଖୁଆସ, ଗିରିରାଜ ଭୋଇ, ଗଜପତି ସାହୁ, ଶିବମ ପଧାନ, ଧର୍ମରାଜ ବରିହା, ଶାନ୍ତନୁ ରଣା, ହରେକୃଷ୍ଣ ରଣା, ଯୁଗଳ କିଶୋର ମେହେରଙ୍କୁ ଥାନାରେ ଅଟକ ରଖିଥିଲା। ରବିବାର ସମ୍ପୃକ୍ତ ଯୁବକମାନଙ୍କୁ ପୋଲିସ ଛାଡ଼ିବାରେ ବିଳମ୍ବ ହେବାରୁ କଂଗ୍ରେସର ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ କଂଗ୍ରେସ ସଭାପତି ଗୁଣସାଗର


କଂଗ୍ରେସ, ଭାଜପା ପକ୍ଷରୁ ରାସ୍ତାରୋକୋ କରାଯାଇଛି।

**ମନ୍ତ୍ରୀ ଟୁକୁନୀ ସାହୁଙ୍କୁ ବିରୋଧ ଘଟଣା**

ମାଝୀ, ସମିତି ସଭ୍ୟ ଦୀପକ ଅଗ୍ରୱାଲ, ଭାଜପାର ମହେନ୍ଦ୍ର ଠାକୁର, ବୁବୁନ ପାଣିଗ୍ରାହୀ, ରାଜେଶ ସାହୁ, କୋସଳ ରାଜ୍ୟ କୋଅର୍ଡ଼ିନେଟର ଶରତ ହୋତା, କେନ୍ଦ୍ରୀୟ ଉପାଧ୍ୟକ୍ଷ ମନୋରଞ୍ଜନ ସାହୁ, କୋଷାଧ୍ୟକ୍ଷ ରଣରାଜ ସିଂଦେଓ, ନରସିଂ ସିଂଙ୍କ ସମେତ ଶତାଧିକ ଜନସାଧାରଣ ଏକ ଘଣ୍ଟା କାଳ ଥାନା ସମ୍ମୁଖରେ ଜାତୀୟ ରାଜପଥ-୨୬କୁ ଅବରୋଧ କରିଥିଲେ। ଟିଟିଲାଗଡ଼ ଏସ୍‌ଡ଼ିପିଓ ସୁରେନ୍ଦ୍ରନାଥ ଶତପଥୀ ଘଟଣାସ୍ଥଳରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ଅଟକ ଯୁବକମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେବା ପରେ ରାସ୍ତାରୋକୋ ହଟିଥିଲା।

ଧରିତ୍ରୀ DHARITRI
ସମ୍ବଲପୁର, ସୋମବାର, ୨୬ ଜୁଲାଇ, ୨୦୨୧



### ଗଛରୁ ଝୁଲନ୍ତା ମୃତଦେହ ଜବତ

ପାଇକମାଳ,(ଡି.ଏନ.ଏ.): ବରଗଡ ଜିଲା ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତର ଡୁଡୁକିଝରିଆ ରାସ୍ତା ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଏକ ମୃତଦେହକୁ ସ୍ଥାନୀୟ ପୋଲିସ ରବିବାର ଜବତ କରିଛି । ମୃତକ ହେଲେ ଜାମସେଠ ଗ୍ରାମର ଚତୁର ଭୋଇ (୫୦)। ଚତୁର ଡୁଡୁକିଝରିଆ ସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ମତାନ୍ତର ହେବାରୁ ସହି ନ ପାରି ସେ ସନ୍ଧ୍ୟାରେ ଗାଁର କିଛି ଦୂରରେ ଥିବା ଏକ ଗଛରେ ନିଜ ଲୁଙ୍ଗି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ପୋଲିସ ଦେଇଛି । ଏ ନେଇ ପାଇକମାଳ ପୋଲିସ ଅପମୃତ୍ୟୁ ମାମଲା (ନଂ.୧୭/୨୧) ରୁଜୁ କରି ମୃତଦେହ ବ୍ୟବଛେଦ ପାଇଁ ପଦ୍ମପୁରକୁ ପଠାଇଛି।

## ସଂକ୍ଷେପରେ

### ଅସହାୟ ବୃଦ୍ଧଙ୍କୁ ବୃଦ୍ଧାଶ୍ରମରେ ଛଡ଼ାଗଲା



**ଖଡ଼ିଆଲ, ୨୫।୭ (ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ସାନମହେଶ୍ୱର ଗ୍ରାମପଞ୍ଚାୟତ ଦେବାହାଲ ଗ୍ରାମରେ ବାସ କରନ୍ତି ଅସହାୟ ବୃଦ୍ଧ ଖଗ ପୋଡ଼ା ସେ ଦୀର୍ଘବର୍ଷ ଧରି ଏକୁଟିଆ ରହୁଥିବା ବେଳେ ଅନେକ ସ୍ୱେଚ୍ଛାସେବୀ ମାନବିକତା ଦୃଷ୍ଟିକୋଣରୁ କରୋନା ସମୟରେ ସାହାଯ୍ୟର ହାତ ବଢ଼ାଇଥିଲେ। ଖଗଙ୍କ ବିଷୟରେ ଖବର ପାଇ ଜିଲା ପ୍ରଶାସନ ଜାଣିବା ପରେ ତତ୍ପରତା ଦେଖାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସୁରକ୍ଷା ଅଧିକାରୀ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପ୍ରଶାସନ ପକ୍ଷରୁ ବୃଦ୍ଧାଙ୍କୁ ସିନାପାଲିସ୍ଥିତ ବୃଦ୍ଧାଆଶ୍ରମକୁ ରବିବାର ନେଇ ରଖିଛନ୍ତି। ପ୍ରଥମେ ତାଙ୍କ କୋଭିଡ୍ ପରୀକ୍ଷା କରି ସ୍ୱତନ୍ତ୍ର ଗାଡ଼ିରେ ତାଙ୍କୁ ସିନାପାଲି ଆଶ୍ରମରେ ଛାଡ଼ିଛନ୍ତି।

### ୯୦ ଶିଶୁ ଆଶୀର୍ବାଦ ଯୋଜନାରେ ଉପକୃତ ହେବେ

**ଲାଠୋର,୨୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳର ୯୦ଶିଶୁ ସରକାରଙ୍କ ଆଶୀର୍ବାଦ ଯୋଜନାରୁ ଉପକୃତ ହେବେ। ଲାଠୋର ଅଞ୍ଚଳର ୩୯ଗୋଟି ଅଙ୍ଗନୱାଡି କେନ୍ଦ୍ର ଅଧୀନରେ ରହିଥିବା ଏହି ଶିଶୁମାନେ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ଖପ୍ରାଖୋଲ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ସରକାରଙ୍କୁ ସୁପାରିସ କରିଛି। ହେଲେ ୯୦ ଶିଶୁଙ୍କ ମଧ୍ୟରୁ ୬୫ଶିଶୁଙ୍କ କାଗଜପତ୍ର ଠିକ୍‌ଥିବା ବେଳେ ୨୫ ଶିଶୁ ମାତାପିତାଙ୍କ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବାକୁ ସକ୍ଷମ ହୋଇନାହାନ୍ତି। ସେମାନେ ପ୍ରମାଣପତ୍ର ପାଇଁ ହଇରାଣ ହରକତ ହେଉଥିଲେ ମଧ ବିଭାଗୀୟ ଅଧିକାରୀ ଉପଯୁକ୍ତ ପଦକ୍ଷେପ ନେଉ ନ ଥିବା ଉପଭୋକ୍ତାମାନେ କହିଛନ୍ତି। ଏ ନେଇ ଖପ୍ରାଖୋଲ ସିଡିପିଓ ସୁଜାତା ଦୋରାଙ୍କୁ ପଚାରିବାରୁ ଯେଉଁମାନଙ୍କ ପାଖରେ ପ୍ରମାଣପତ୍ର ନାହିଁ ତାଙ୍କର ଏକ ତାଲିକା ତହସିଲଦାରଙ୍କୁ ଦିଆଯାଇଛି। ଖୁବ୍‌ଶୀଘ୍ର ସେମାନେ ପ୍ରମାଣପତ୍ର ପାଇଯିବେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ବିପଦ ସଙ୍କେତ ତଳେ ବୈତରଣୀ

**ଭଣ୍ଡାରିପୋଖରୀ,୨୫।୭(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦା ଆନିକଟଠାରେ ଶନିବାର ବୈତରଣୀ ଜଳସ୍ତର ବୃଦ୍ଧି ପାଇ ବିପଦ ସଙ୍କେତ ଟପିଥିଲା। ଜଳସ୍ତର ୧୭.୯୫ ମିଟର ପର୍ଯ୍ୟନ୍ତ ଯାଇ ସ୍ଥିର ରହି ରାତି ପ୍ରାୟ ୧୨ଟାରୁ କମିବା ଆରମ୍ଭ କରି ବିପଦସଙ୍କେତ ତଳକୁ ଖସିଛି।

# ସ୍ୱୟଂ ସହାୟକଙ୍କୁ କରିବ ସ୍ୱାବଲମ୍ବୀ

ନୂଆପଡ଼ା ଅଫିସ,୨୫।୭

ସ୍ୱୟଂ ସହାୟକ ମହିଳା ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏଥିପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଉଦ୍ୟମ ଜାରି ରହିଛି। ଏମ୍‌ଜିଏନ୍‌ଆରଇଜିଏସ୍ ଫଣ୍ଡରୁ ପ୍ରତ୍ୟେକ ସ୍ୱୟଂ ସହାୟକ ମହିଳା ସଂଘକୁ ୧୩,୭୦୦ ଟଙ୍କା ବ୍ୟୟ ଅଟକଳରେ ନିଜ ବାଡିରେ ନିଜେ କାର୍ଯ୍ୟ କରି ସ୍ୱାବଲମ୍ବୀ ହେବା ପାଇଁ ମୋ ଉପକାରୀ ବଗିଚା ବ୍ୟବସ୍ଥା ସରକାର କରିଛନ୍ତି। ସେଥିରେ ଓଡିଶା ଜୀବିକା ମିଶନ ପକ୍ଷରୁ ଅମୃତଭଣ୍ଡା, ସଜନା, କଦଳୀ, ଲେମ୍ବୁ ଭଳି ୧୦ଟି ଚାରା ବାଡିରେ ଲଗାଇବା ପାଇଁ ଦିଆଯିବ। ଏହା ସହିତ ପାଳଙ୍ଗ, ଲାଲଭାଜି, ଜହ୍ନି, ଲାଉ, ଝୁଡଙ୍ଗ, କଲରା, ଲଙ୍କା, ବାଇଗଣ, ବୋଇତାଲୁ, ଚୁରଚୁଟିଆ, କାକୁଡି, ଭେଣ୍ଡି, ଦେଶିକଲରା, ପାତଳଘଣ୍ଟା ଇତ୍ୟାଦି ଭଳି ୧୬ ପ୍ରକାର ପନିପରିବା ବିହନ ଦେଇ ମୋ ଉପକାରୀ ବଗିଚାରେ ଲଗାଇ ଜୈବିକ ସାର ଦେଇ ଫଳ ଉତ୍ପାଦନ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ନିଆଯାଇଛି। ଏହି ସବୁ ଫଳ ଓ ପନିପରିବାରେ ପୃଷ୍ଟିକର ଓ ସୁସ୍ୱାଦୁକର ଖାଦ୍ୟ ରହିଥିବାରୁ କିଶୋରୀ, ଗର୍ଭବତୀ, ସ୍ତନପାନ କରୁଥିବା ମା’, ଶୂନରୁ ୫ ବର୍ଷର ଶିଶୁ ଯାହା ଘରେ ଥିବ ସେମାନଙ୍କୁ ଏ ସବୁ ଖାଦ୍ୟ ପୃଷ୍ଟିକାର ଖାଦ୍ୟ ଯୋଗାଇବ ଓ କେହି ଅପପୃଷ୍ଟିକ ରୋଗରେ ପୀଡ଼ିତ ହେବେ ନାହିଁ। ରାଜ୍ୟରେ ଅପପୃଷ୍ଟିକର ରୋଗରେ ଅଧିକ ପୀଡ଼ିତ ହେଉଥିବାରୁ ଏ ସବୁ ପଦକ୍ଷେପ ସରକାର ପକ୍ଷରୁ ହାତକୁ ନିଆଯାଇଛି। ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ପଞ୍ଚାୟତ ଡୁମେରବାହାଲ ଗାଁର ଓଁମ ଗଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୧୦ଜଣ ମହିଳା ବିଭିନ୍ନ ଉତ୍ପାଦନ କାର୍ଯ୍ୟ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟକୁ ସ୍ୱାବଲମ୍ବୀ କରିବା ପାଇଁ ବାଟ ଦେଖାଇଛନ୍ତି। ଦକ୍ଷ ନଥିପତ୍ର ଲେଖିକା (ଏମବିକେ) ଡାଲେଶ୍ୱରୀ ନିଆଲଙ୍କ ନେତୃତ୍ୱରେ ୨୦ ହଜାର ଅମୃତ ଭଣ୍ଡା, ଲେମ୍ବୁ, ସଜନା, କଦଳୀ ଚାରା କରିଛନ୍ତି। ଆଗାମୀ ଦିନରେ ୫୦ ହଜାର ଚାରା କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ସବୁ ଚାରା ଓଡିଶା ଜୀବିକା ମିଶନ ପକ୍ଷରୁ ମୋ ଉପକାରୀ ବଗିଚାକୁ ମହିଳା ଗୋଷ୍ଠୀମାନଙ୍କୁ ଦିଆଯିବ ବୋଲି ବ୍ଲକ ପ୍ରଜେକ୍ଟ ମେନେଜର ସୁରେଶ ମଲ୍ଲିକ ପ୍ରକାଶ କରିଛନ୍ତି। ଓମ୍ ଗଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ଡାଲେଶ୍ୱରୀ ନିଆଲ, ସମ୍ପାଦିକା ସୁନିତା ନିଆଲ, କୋଷାଦକ୍ଷ ସୁଜାତା ନିଆଲ କାର୍ଯ୍ୟ ତଦାରଖ କରୁଥିବା ବେଳେ କସ୍ତୁରି ନିଆଲ, ମ ଦନା ନିଆଲ, ଧିରେ ନିଆଲ, ନତୁଲା ନିଆଲ, ଧନମତୀ ନିଆଲ, ପୂର୍ଣ୍ଣମୀ ନିଆଲ, କ୍ଷୀର କେତକିପ୍ରମୁଖ ମହିଳା ସହେଯାଗ କରୁଛନ୍ତି।



ଚାରା ଉଦ୍ୟାନ ପାଖରେ ଓମ୍ ଗଙ୍ଗା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ।

**ମୋ ଉପକାରୀ ବଗିଚା**
- ୫୦ ହଜାର ଚାରା କରିବାର ଲକ୍ଷ୍ୟ
- ଅନ୍ୟକୁ ସ୍ୱାବଲମ୍ବୀ ପାଇଁ ବାଟ ଦେଖାଇଛନ୍ତି

# ହୋଲିହୋମ ଜରାଶ୍ରମରୁ ୧୬ ପଜିଟିଭ

ନୂଆପଡ଼ା ଅଫିସ,୨୫।୭

ନୂଆପଡା ଜିଲାରେ ଉପର ମୁହାଁ ହେଲାଣି କରୋନା। କୋମନା ବ୍ଲକ କୁରୁମପୁରିସ୍ଥିତ ହୋଲିହୋମ ଜରାଶ୍ରମରେ ୧୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି। ଲଗାତର ମାସେ ହେବ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ମାତ୍ର ଏକ ଅଙ୍କରେ ରହିଥିବା ବେଳେ ବର୍ତ୍ତମାନ ଦୁଇ ଅଙ୍କରେ ପହଞ୍ଚିଛି। ଶନିବାର ଜିଲାରେ ୯୪୪ ଜଣଙ୍କ ଆଣ୍ଟିଜେନ ପରୀକ୍ଷା ହୋଇଥିବା ବେଳେ ୧୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ କୋମନା ବ୍ଲକରୁ ୧୬ଜଣ ଓ ନୂଆପଡା ଡିଏଚଏଚରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡିଛି। ରବିବାର ଏକ ଡାକ୍ତରୀ ଦଳ ଜରାଶ୍ରମକୁ ଯାଇ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାଳି ଚରଣ ବେହେରା ସୂଚନା ଦେଇଛନ୍ତି। ଆସନ୍ତା ୩୧ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କୁରୁମପୁରି, ସିନାପାଲି ଓ ଘାଟିପଡା କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି କୁରୁମପୁରି ସରପଞ୍ଚ ଇନେଶ୍ୱରୀ ଅହୀର। ଏହାସହ ଗୁରୁବାର ହେବାକୁ ଥିବା ଛେଳି ବଜାର, ସପ୍ତାହିକ ବଜାର ମଧ୍ୟ ବନ୍ଦ କରାଯାଇଛି। ଜିଲାରେ କରୋନା ଆକ୍ରାନ୍ତ ସଂଖ୍ୟା ପୁଣି ଥରେ ବଢିଥିବା ବେଳେ ଭୟଙ୍କର ବାତାବରଣ ଖେଳିଯାଉଛି।

**୩ ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍**

# ଜୁନାଗଡ଼କୁ ସବୁଜ ସୁନ୍ଦର କରିବାକୁ ଉଦ୍ୟମ



ଲଙ୍କେଶ୍ୱରୀ ଓମେନ ଏମ୍ ପାୱାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ।

ଜୁନାଗଡ, ୨୫।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରକୁ ସବୁଜ ସୁନ୍ଦର କରିବା ପାଇଁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ଉଦ୍ୟମ ଜାରି ରଖିଛନ୍ତି। ମନ୍ତ୍ରୀ ମିଶ୍ରଙ୍କ ପ୍ରେରଣାରେ ପ୍ରେରିତ ହୋଇ ସ୍ଥାନୀୟ ଲଙ୍କେଶ୍ୱରୀ ଓମେନ ଏମ୍ ପାୱାରମେଣ୍ଟ ଟ୍ରଷ୍ଟ ମଧ ଜୁନାଗଡକୁ ସବୁଜ ସୁନ୍ଦର କରିବା ପାଇଁ ଅଣ୍ଟା ଭିଡିଛି। ଏହି ପରିପ୍ରେକ୍ଷୀରେ ଟ୍ରଷ୍ଟ ପକ୍ଷରୁ ଜୁନାଗଡ ଏନ୍‌ଏସିସ୍ଥିତ ଏମ୍‌ସିସି ଏମ୍‌ଆରଏଫ୍ ନୂତନ ଉର୍ମିଙ୍କ ୱାର୍ଡ ରାସ୍ତା କଡରେ ପ୍ରାୟ ଦେଢଶହ ଚାରା ଲଗାଇ ପରିବେଶ ସନ୍ତୁଳନର ବାର୍ତ୍ତା ଦେଇଛି। ଏଥିରେ ଟ୍ରଷ୍ଟର ସଭାନେତ୍ରୀ ମନିଷା ସାହୁ, ସମ୍ପାଦିକା କଲ୍ୟାଣୀ ନାଏକ, ମହିଳା ନେତ୍ରୀ ଚୁନି ପଣ୍ଡା, ଲଳିତା ନାଏକ, ମାରୱାଡି ମହିଳା ସମିତି ସଭାନେତ୍ରୀ କଞ୍ଚ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ଚାରା ଲଗାଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର କୋଷାଧ୍ୟକ୍ଷ ଉତ୍ତମ କୁମାର ଦାଶ ପରିଚାଳନା କରିଥିଲେ।

**ଲଙ୍କେଶ୍ୱରୀ ଓମେନ ଏମ୍ ପାୱାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ଚାରାରୋପଣ**

# ପରିଦର୍ଶନ କଲା ଭାଜପା ପ୍ରତିନିଧି ଦଳ

ଜୁନାଗଡ, ୨୫।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଦମକଳ କେନ୍ଦ୍ର ନିକଟରେ ୭୫ ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିବା ସ୍ମାର୍ଟପାର୍କ ନିର୍ମାଣରେ ଅନିୟମିତତା ହୋଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁ ଗତ କିଛି ଦିନ ତଳେ ନିର୍ମାଣ ହୋଇଥିବା ସିମେଣ୍ଟ ପାଚେରି ପ୍ରାୟ ସ୍ଥାନରେ ଏବେ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଏ ନେଇ ରବିବାର ‘ଧରିତ୍ରୀ’ରେ ଏକ ରିପୋର୍ଟ ପ୍ରକାଶ ପାଇବା ପରେ ଘଟଣା ଲୋକଲୋଚନକୁ ଆସିବା ସହ ଦିନତମାମ ସୋସିଆଲ ମିଡିଆରେ ଏହାର ଚର୍ଚ୍ଚା ଜୋର ଧରିଥିଲା। ଘଟଣା ସମ୍ପର୍କରେ ଖବର ପାଇ ସ୍ଥାନୀୟ ଭାଜପାର ଏକ ପ୍ରତିନିଧିତ୍ୱ ଦଳ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ନିମ୍ନମାନର କାମ ଯୋଗୁ ପାଚେରି ଭାଙ୍ଗିବା ଓ ଉପଯୁକ୍ତ ସ୍ଥାନରେ ପାର୍କ ନିର୍ମାଣ ହୋଇ ନ ଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଦାୟିତ୍ୱରେ ଥିବା ପିଡବ୍ଲୁଡି ବିଭାଗ ଅଧିକାରୀ ଓ ସମ୍ପୃକ୍ତ ଠିକାଦାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପରୋକ୍ତ ଅଧିକାରୀଙ୍କୁ ଜଣାଯିବ ବୋଲି ପ୍ରତିନିଧିତ୍ୱ ଦଳ ପ୍ରକାଶ କରିଥିଲେ। ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜୁନାଗଡ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଯାଜ୍ଞସିନୀ ମହାନନ୍ଦ, ଜୁନାଗଡ ପ୍ରଭାରୀ ଲକ୍ଷ୍ମୀ ନାରାୟଣ ବାଣୁଆ, ସ୍ଥାନୀୟ ଜୋନ୍ ସଭାପତି ପୀତାମ୍ବର ପାତ୍ର ପ୍ରମୁଖ ରହିଥିଲେ। ଅନ୍ୟପକ୍ଷରେ ଏହି ଘଟଣାରେ ଯଦି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗାମୀ ଦିନରେ ଏନ୍‌ଏସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ ପ୍ରକାଶ କରିଛନ୍ତି।



ଭାଜପା ପ୍ରତିନିଧି ଦଳ ପରିଦର୍ଶନ କରୁଛନ୍ତି।

**ନୂତନ ସ୍ମାର୍ଟପାର୍କ ପାଚେରି ଭାଙ୍ଗିବା ଘଟଣା**
- କାର୍ଯ୍ୟାନୁଷ୍ଠାନ ନ ହେଲେ ଏନ୍‌ଏସି ଘେରାଉ

# ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ ଅଭିଯୋଗ

ବସ୍ତା, ୨୫।୭(ଡି.ଏନ.ଏ.)

ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ(ବିବିସିସି) ବ୍ୟାଙ୍କର ବସ୍ତା ଶାଖା କର୍ତ୍ତୃପକ୍ଷ ବ୍ୟାଙ୍କ ଅଧୀନରେ ଥିବା ସମବାୟ ସମିତି କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଅଗଷ୍ଟ ୨ତାରିଖରେ ସମୂହ ଗଣଧାରଣା ଦିଆଯିବ ବୋଲି ସଂଘ ସଭାପତି ନିରଞ୍ଜନ ସାହୁ ମଥାନୀ ସେବା ସମବାୟ ସମିତିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଜଣାଇଛନ୍ତି । ଅଭିଯୋଗ ଅନୁଯାୟୀ, ବସ୍ତା ସମବାୟ ବ୍ୟାଙ୍କରେ କାର୍ଯ୍ୟରତ ଶାଖା ପରିଚାଳକ ଅରୁଣ କୁମାର ମାଇତି ବ୍ୟାଙ୍କ ଅଧୀନରେ ଥିବା ୧୨ଟି ସେବା ସମବାୟ ସମିତିର କାର୍ଯ୍ୟକର୍ତ୍ତାମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ବିଭିନ୍ନ ଆଳ ଦେଖାଇ ଅର୍ଥ ଶୋଷଣ କରୁଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କର ଉପରିସ୍ଥ କର୍ମକର୍ତ୍ତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଡିଜିଏମ୍‌ଙ୍କୁ ବାରମ୍ବାର ଜଣାଇବା ପରେ ମଧ ଅଦ୍ୟାବଧି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ପରିତାପର ବିଷୟ ବୋଲି ସଭାପତି ସାହୁ ଜଣାଇଛନ୍ତି । ଆଗାମୀ ୩୧ତାରିଖ ସୁଦ୍ଧା ଏହାର ସମାଧାନ ନ ହେଲେ ଅଗଷ୍ଟ ୨ତାରିଖରୁ ବ୍ୟାଙ୍କର ବସ୍ତା ଶାଖା ସମ୍ମୁଖରେ ଗଣଧାରଣା ଦିଆଯିବ। ଏଥିରେ ବସ୍ତାର ସମସ୍ତ ୧୨ଟି ସେବା ସମବାୟ ସମିତର କର୍ମକର୍ତ୍ତା ଯୋଗଦେବା ସହିତ ଆଖପାଖ ସେବା ସମବାୟ ସମିତିରୁ ମଧ କର୍ମକର୍ତ୍ତା ସାମିଲ ହେବେ ବୋଲି ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଶାଖା ପରିଚାଳକ ମାଇତିଙ୍କୁ ପଚରାଯିବାରୁ ସେ ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଦୁର୍ବ୍ୟବହାର କରିଥିବା ସ୍ୱୀକାର କରିଛନ୍ତି। ସେ ଏହାର ସମାଧାନ ଲାଗି ଉଦ୍ୟମ କରି ବିଫଳ ହୋଇଛନ୍ତି।

# ନ୍ୟାୟ ଦାବିରେ ମୃତଦେହ ରଖି ଧାରଣା

ସଜନାଗଡ଼, ୨୫।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅନ୍ତର୍ଗତ ଭାଲୁକାସୁଣୀ ଷ୍ଟ୍ରକଚର ଅଧୀନ ବଡବିଲ ଅଞ୍ଚଳକୁ ବିଦ୍ୟୁତ୍ ମରାମତି ପାଇଁ ଯାଇଥିବା ଠିକା କର୍ମଚାରୀ ସୋମନାଥପୁର ଅଞ୍ଚଳର ଭାଗୀରଥି ମାଝି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଭାଗିରଥିଙ୍କ ସହ ଲାଇନମ୍ୟାନ ଯାଇଥିଲେ ମଧ ସେ ନିଜେ କାମ ନ କରି ବିନା ଗ୍ଲୋଭସରେ ଭାଗିରଥୀଙ୍କୁ କଣ ପାଇଁ କାମରେ ଲଗାଇଥିଲେ ବୋଲି ତାଙ୍କ ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଡାକ୍ତରଖାନାକୁ କୌଣସି ବିଦ୍ୟୁତ ଅଧିକାରୀ ନ ଆସିବା ଯୋଗୁ ପରିବାର ଲୋକେ ଓ ଗ୍ରାମବାସୀ ଶନିବାର ରାତିରେ ମୃତଦେହକୁ ଡାକ୍ତରଖାନା ସାମ୍ନା ମୁଖ୍ୟ ରାସ୍ତାରେ ଉପରେ ରଖି ନ୍ୟାୟ ଦାବିରେ ଧାରଣା ଦେଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପହଞ୍ଚି ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲାପାଳଙ୍କ ସହ ଆଲୋଚନା କରି ନୀଳଗିରି ଉପଜିଲାପାଳ, ଏସ୍‌ଡିପିଓ ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ରବିବାର ପୂର୍ବାହ୍ନରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। ପ୍ରତିଶ୍ରୁତି ଅନୁଯାୟୀ ନୀଳଗିରି ଡାକବଙ୍ଗଳା ପରିସରରେ ଏମ୍‌ପି ଷଡଙ୍ଗୀ, ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ବିଦ୍ୟୁତ୍ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ଏସଡିଓ ଯଯାତି କେଶରୀ ସିଂହ, ରେମୁଣା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ , ମୃତ ଠିକା ଶ୍ରମିକଙ୍କ ସ୍ତ୍ରୀ ମାଳତୀ ମାଝୀ, ପୁଅ ରବୀନ୍ଦ୍ର, ଝିଅ ବାସନ୍ତୀଙ୍କ ସହ ଗ୍ରାମବାସୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇଥିଲା। ଭାଗିରଥୀଙ୍କ ସ୍ତ୍ରୀଙ୍କୁ ଏକ ଚାକିରି ଦେବା ସହ ଠିକା ସଂସ୍ଥା ଭାରତ ଏଜେନ୍ସି ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ପାଇଁ ଅଗ୍ରୀମ ୫୦ ହଜାର ଟଙ୍କା, କ୍ଷତିପୂରଣ ପାଇଁ ୨୦ ଲକ୍ଷ ଟଙ୍କା ପ୍ରଦାନ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ଏମ୍‌ପିଙ୍କ ତରଫରୁ ୩,୦୦୦ ଟଙ୍କା, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ ୧୦,୦୦୦ ଟଙ୍କା, ଠିକା ସଂସ୍ଥା ଭାରତ ଏଜେନ୍ସି ୨୫, ୦୦୦ଟଙ୍କା ଦେବେ ବୋଲି କହିଥିଲେ । ପ୍ରାଥମିକ ଭାବେ ୧୦,୦୦୦ ଟଙ୍କା ଦିଆଯାଇଛି।

# ମହିଳାଙ୍କ ମଦ ବିରୋଧୀ ଶୋଭାଯାତ୍ରା

ନୂଆପଡ଼ା ଅଫିସ,୨୫।୭

ନୂଆପଡା ଜିଲା କୋମନା ବ୍ଲକ ପେଣ୍ଡରାବନ ଗାଁରେ ଦିନକୁ ଦିନ ଦେଶୀ ଓ ବିଦେଶୀ ମଦ ବେଆଇନ କାରବାର ଚାଲିଥିବା ଅଭିଯୋଗ ହୋଇ ଆସୁଛି। ଏହାକୁ ବିରୋଧ କରି ରବିବାର ଗାଁର ମା’ ପରଦେଶେନ ଯୁବକ ସଂଘ ଓ ସମସ୍ତ ମହିଳା ସ୍ୱୟଂ ସହାୟକ ଦଳଙ୍କ ମିଳିତ ଉଦ୍ୟମରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା କରାଯାଇଛି। ମଦ ବିରୋଧୀ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲେ। ଗାଁରେ ମଦ ବିକ୍ରି ବେଆଇନ ଭାବେ ବଢି ଚାଲିଥିବାରୁ କୋମନା ପୋଲସକୁ ଅନେକ ଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ରବିବାର ଗାଁର ମହିଳା ଓ ଯୁବକମାନେ ଏକତ୍ରିତ ହୋଇ ଗାଁରେ ଏକ ଶୋଭାଯାତ୍ରାରେ ବାହାରି ଗାଁରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନକୁ ବନ୍ଦ କରିବା ପାଇଁ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ମଦ ବିକ୍ରି କଲେ ମଦ ଦୋକାନ ଜାଳି ଦେବାକୁ ଚେତାବନୀ ଦିଆଯାଇଛି। ଶୋଭାଯାତ୍ରାରେ ସନି କୁମାରୀ ବେମାଲ, ବସୁଧା ରାଉତ, ସେରାବଲି ମହାନନ୍ଦ, ହରିଚନ୍ଦ୍ର ମାଝି, ବିନାପାଣି ବାଗ ପ୍ରମୁଖ ସାମିଲ ହୋଇଥିଲେ ।

# ଡବ୍ଲୁଓଡିସି ଅଧ୍ୟକ୍ଷଙ୍କ କଳାହାଣ୍ଡି ଗସ୍ତ

ଭବାନୀପାଟଣା, ୨୫।୭
(ସ୍ୱ.ପ୍ର./ଡି.ଏନ.ଏ.)

ପଶ୍ଚିମ ଓଡିଶା ବିକାଶ ପରିଷଦ (ଡବ୍ଲ୍ୟୁଓଡିସି)ର ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଅସିତ କୁମାର ତ୍ରିପାଠୀ ରବିବାର ଦିନିକିଆ କଳାହାଣ୍ଡି ଗସ୍ତ କରି ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କରିଛନ୍ତି। ଭବାନୀପାଟଣାରେ ପ୍ରଥମେ ସେ ଟାଉନ ହଲ, ନୂତନ ମେଡିକାଲ କଲେଜ, କୋଭିଡ୍ ଡାକ୍ତରଖାନା ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଜୁନାଗଡ ବ୍ଲକ ତଳଜାରିଙ୍ଗ ଛକଠାରେ ଥିବା ସରକାରୀ ଛେଳି ପ୍ରଜନନ କେନ୍ଦ୍ର, ଭତ୍ରାଜୋର ଡ୍ୟାମ, ଜୁନାଗଡ ସହର କୋଭିଡ୍ ଡାକ୍ତରଖାନା, ନୂତନ ବସ୍‌ଷ୍ଟାଣ୍ଡ, ବିଜୁପଟ୍ଟନାୟକ ଷ୍ଟାଡିୟମ୍, ନେତ୍ର ଚିକିତ୍ସାଳୟ ଆଦି ପରିଦର୍ଶନ କରିବା ସହ ଜୁନାଗଡ ବ୍ଲକ କାର୍ଯ୍ୟାଳୟ ଭବିଷ୍ୟତ ଉନ୍ନତିକରଣ ଆଦି ଉପରେ ସମୀକ୍ଷା କରିଥିଲେ। ଏହା ପରେ ଛୋରିଆଗଡ ଗ୍ରାମକୁ ଯାଇ ସେଠାରେ ଥିବା କାଳେଶ୍ୱର ମନ୍ଦିର ଓ ରାମସାଗର ବୁଲି ଦେଖିବା ସହ କିପରି ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବା ସେ ନେଇ ସମୀକ୍ଷା କରିଥିଲେ। ପରେ ଧର୍ମଗଡ ବ୍ଲକ ଗସ୍ତ କରିଥିଲେ। ତାଙ୍କର ଏହି ଗସ୍ତ ବେଳେ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ପିଡିଡିଆରଡିଏ ସୋମେଶ କୁମାର ଉପାଧ୍ୟାୟ, ଧର୍ମଗଡ ଉପଜିଲାପାଳ ପାୱାର ସଚିନ ପ୍ରକାଶ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଆଇନଜୀବୀ ତଥା ସାମାଜିକ କର୍ମୀ କଲ୍ୟାଣୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

**ବିଭିନ୍ନ ଉନ୍ନୟନ କାମର ସମୀକ୍ଷା କଲେ**



ଛୋରିଆଗଡ ଗ୍ରାମରେ ସମୀକ୍ଷା କରୁଛନ୍ତି ଡବ୍ଲୁଓଡିସି ଅଧ୍ୟକ୍ଷ ।

# ୩୩ କେଭି ନୂତନ ବିଦ୍ୟୁତ୍ ଲାଇନ୍ ଉଦ୍‌ଘାଟନ

ବେହେରା, ୨୫।୭ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ସବ୍‌ଷ୍ଟେଶନଠାରେ ରବିବାର ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍‌ରୁ ୩୩ କେଭି ନୂତନ ଲାଇନ୍ ଉଦ୍‌ଘାଟିତ ହୋଇଯାଇଛି। ଏଠାରୁ ଧର୍ମଗଡ, ଗୋଲାମୁଣ୍ଡାକୁ ସଂଯୋଗୀକରଣ କରାଯାଇଛି। ଏହାକୁ ପଶ୍ଚିମ ଓଡିଶା ବିକାଶ ପରିଶଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଧର୍ମଗଡ ବିଧାୟକ ମୌଷଧୀ ବାଗ, ଧର୍ମଗଡ ବ୍ଲକ ଚେୟାରମ୍ୟାନ ବଳରାମ ପୂଝାରୀ, ବେହେରା ସରପଞ୍ଚ ସୁଚିତ୍ରା ଗୋପାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଦଣ୍ଡପାଟର ସର୍ବାଙ୍ଗୀନ ବିକାଶ କରିବା ପାଇଁ ସଂକଳ୍ପ ବଦ୍ଧ ଅଟନ୍ତି ବୋଲି ଶକ୍ତିମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ବହୁ ପ୍ରତିକ୍ଷୀତ ଇନ୍ଦ୍ରାବତୀ ବିଦ୍ୟୁତ୍‌ରୁ ବେହେରା ପର୍ଯ୍ୟନ୍ତ ପହଞ୍ଚାଇ ଥିବାରୁ ଧର୍ମଗଡ ବିଧାୟକ ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ।

ଦୀର୍ଘ ଦିନରୁ ଇନ୍ଦ୍ରବତୀ ବିଦ୍ୟୁତରୁ ସଂଯୋଗ ପାଇଁ ଦାବି ହୋଇଆସୁଥିବା ବେଳେ ଆଜି ତାହା ପୂରଣ ହୋଇଛି। ଧର୍ମଗଡ ବ୍ଲକ ସମେତ ଗୋଲାମୁଣ୍ଡା ବ୍ଲକର ପ୍ରାୟ ୫୪ ଖଣ୍ଡ ଗ୍ରାମର ୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଏହା ଦ୍ୱାରା ଉପକୃତ ହେବେ। ଏହି ଅଞ୍ଚଳରେ ଲାଗି ରହିଥିବା ଲୋ ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ ସମସ୍ୟା ଜନଜୀବନକୁ ଅସ୍ତବ୍ୟସ୍ତ କରୁଥିଲା। ଲୋକେ ଅତିଷ୍ଠ ହୋଇ ଏହାର ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇଥିଲେ। ଏଥିପ୍ରତି ଦୃଷ୍ଟି ଦେବାକୁ ଶକ୍ତିମନ୍ତ୍ରୀଙ୍କୁ ଅନୁରୋଧ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସରକାରଙ୍କ ତତ୍ପରତା ଯୋଗୁ ଇନ୍ଦ୍ରାବତୀରୁ ୩୨ କେଭି ବିଦ୍ୟୁତ୍ ସଂଯୋଗ ପ୍ରଥମେ ବାନେର ପର୍ଯ୍ୟନ୍ତ, ବାନେରରୁ ଡେଙ୍ଗାଗୁଡା ଓ ବର୍ତ୍ତମାନ ଡେଙ୍ଗାଗୁଡାଠାରୁ ବେହେରା ସବ୍‌ଷ୍ଟେଶନକୁ ସଂଯୋଗ ହୋଇପାରିଛି। ବେହେରାଠାରୁ ସିଧାସଳଖ ଧର୍ମଗଡ ଓ ଗୋଲାମୁଣ୍ଡାକୁ ସଂଯୋଗ ହେବ। ଏହାଦ୍ୱାରା ବିଦ୍ୟୁତ୍ ସମସ୍ୟାର ସମାଧାନ ହେବ ଓ ଲୋକେ ଆଶ୍ୱସ୍ତି ଅନୁଭବ କରିପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଧର୍ମଗଡ ଏସଡିଓ ଓ ବିଦ୍ୟୁତ୍ କର୍ମଚାରୀ, ପ୍ରଶାନ୍ତ ତିୱାରୀ, ଗୌର ବାଗ, ଭବେଶ ଗଇନ୍ତା, ତୁଳସିରାମ ବାରିକ, ମହିଳା ସଂଘ ସଦସ୍ୟା, ଧର୍ମଗଡ, କୋକସରା ଓ ଗୋଲାମୁଣ୍ଡା ବ୍ଲକ ଅନେକ ଜନସାଧାରଣ ଉପସ୍ଥିତ ଥିଲେ।



ନୂତନ ବିଦ୍ୟୁତ୍‌ଲାଇନକୁ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି।

**୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ**